# ହଳଦୀଗଡ଼ିଆରେ ଜଳ ସଙ୍କଟ

■ ବିଦ୍ୟୁତ୍ ବିଲ ପୈଠ ହେଉନାହିଁ
■ ଜଳକଷ୍ଟ ଭୋଗୁଛନ୍ତି ୧୫୦ ପରିବାର

କୋରେଇ,୩।୩ (ଚନ୍ଦ୍ରକାନ୍ତ ପତି)

ଯାଜପୁର ଜିଲା କୋରେଇ ବ୍ଲକ ଅଧୀନ ହଳଦୀଗଡ଼ିଆ ଗ୍ରାମରେ ଦୀର୍ଘଦିନ ହେବ ଜଳସଙ୍କଟ ଲାଗି ରହିଛି। ଫଳରେ ପିଇବା ପାଣି ପାଇଁ ଶତାଧିକ ଲୋକ ଦହଗଞ୍ଜ ହେଉଛନ୍ତି। ଏପରି କି ପାଣି ପାଇଁ ଗ୍ରାମର ମହିଳାମାନଙ୍କୁ ମାଇଲମାଇଲ ଦୂର ଚାଲିବାକୁ ପଡୁଛି। ଏନେଇ ଗ୍ରାମବାସୀ ବ୍ଲକ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସ୍ଥାୟୀ ପ୍ରତିକାର ହୋଇପାରୁନାହିଁ।

ସୂଚନା ଅନୁଯାୟୀ, ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ ବିଭାଗ (ଆରଡବ୍ଲ୍ୟୁଏସ୍‌ଏସ୍) ପକ୍ଷରୁ ଏହି ଗ୍ରାମରେ ପ୍ରାୟ ୫ ବର୍ଷ ତଳେ ବସୁଧା ଯୋଜନାରେ ଏକ ବୋରିଂ କରାଯାଇଥିଲା। ଗ୍ରାମର ୩ ସାହିର ପ୍ରାୟ ୧୫୦ ପରିବାରଙ୍କୁ ପାଇପ୍ ଯୋଗେ ଜଳ ଯୋଗାଇବା ଲକ୍ଷ୍ୟରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ମାତ୍ର ପରିତାପର ବିଷୟ ଗତ ୧ ବର୍ଷ ହେବ ଏହି ପ୍ରକଳ୍ପ ବନ୍ଦ ହୋଇ ପଡ଼ିରହିଛି। ପଞ୍ଚାୟତ ଅଫିସ ପକ୍ଷରୁ ବିଦ୍ୟୁତ୍ ବିଲ ପୈଠ କରାଯାଇ ନ ଥିବାରୁ ବିଦ୍ୟୁତ୍ ବିଭାଗ ଅଧିକାରୀ ଏହି ପ୍ରକଳ୍ପରୁ ବିଜୁଳି କାଟିଦେଇଛନ୍ତି। ଫଳରେ ବର୍ଷେ ହେବ ହଳଦୀଗଡ଼ିଆ ଗ୍ରାମବାସୀ ପାଣି ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଉଥିରୁ ଗ୍ରାମବାସୀଙ୍କ ଏହି ସମସ୍ୟା ମୁଣ୍ଡ ବ୍ୟଥାର କାରଣ ହୋଇଛି। ତେଣୁ ଏହି ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି। ଏନେଇ କନିଷ୍ଠ ଯନ୍ତ୍ରୀ ପ୍ରଦୀପ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ବକେୟା ବିଦ୍ୟୁତ୍ ବିଲ ଏବଂ ଶୀତଦିନ ପାଇଁ ଜଳ ଯୋଗାଣ ବନ୍ଦ ରହିଛି। ଖୁବ୍‌ଶୀଘ୍ର ଏହାକୁ ଚାଲୁ କରାଯିବ। ଦେଖିବାକୁ ଅପେକ୍ଷା କେବେ ଏହାକୁ ଚାଲୁ କରାଯାଉଛି।



ବସୁଧା ଯୋଜନା ପ୍ରକଳ୍ପ।

## ସଂକ୍ଷେପରେ

### ଚୋରା କାଠ ଜବତ



ବରୀ,୩।୩ (ମହେନ୍ଦ୍ର ସ୍ୱାଇଁ)

ବରୀ ବ୍ଲକ୍ ଅଞ୍ଚଳରେ ଚୋରା କାଠ କାରବାର ଚାଲିଛି। ଏଠାରେ ଖୁଲମଖୁଲା ଭାବେ ଚୋରା କାଠ ବ୍ୟବସାୟୀମାନେ ଜିଲା ବାହାରୁ ଶାଳ, ପିଆଶାଳ, ଶାଗୁଆନ, ଶିଶୁ ଓ ପଣସ ଆଦି କାଠ ଅଣି ବରୀ ଅଞ୍ଚଳରେ ବିକ୍ରି କରୁଛନ୍ତି। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ବନ ବିଭାଗ ତରଫରୁ ତତ୍ପରତା ପ୍ରକାଶ ପାଇଛି। ରବିବାର ବ୍ଲକର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବେ ପରିଚିତ ବରୀ ମାଉଣ୍ଡସ୍ଥିତ କପିଳ ବେହେରାଙ୍କ ଘରେ ବନ ବିଭାଗ ଅଧିକାରୀ ଚଢ଼ାଉ କରି ଏକ ଟାଟା ଏସିଇ ଗାଡ଼ି ସହିତ ୨୫ ସିଫ୍ଟରୁ ଉର୍ଦ୍ଧ୍ୱଶାଳ ଓ ଆକାଶୀ କାଠ ଜବତ କରିଛନ୍ତି। ବନ ବିଭାଗ ବିଞ୍ଝାରପୁର ଉପଖଣ୍ଡର ରେଞ୍ଜର ପ୍ରୀତିରଞ୍ଜନ ମହାପାତ୍ର ଓ ଫରେଷ୍ଟର ଅନୁପମା ସାହୁ ସଦଳବଳ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

### ପ୍ରଧାନମନ୍ତ୍ରୀ ବିଭିନ୍ନ ପ୍ରକଳ୍ପ ଘୋଷଣା କରିବାକୁ ଦାବି

ଯାଜପୁର ଟାଉନ,୩।୩
(ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି)

ଆସନ୍ତା ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଚଣ୍ଡିଖୋଲ ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହି ସମୟରେ ପ୍ରଧାନମନ୍ତ୍ରୀ ଯାଜପୁର ରୋଡ୍-ଧାମରା ରେଳପଥ ନିର୍ମାଣ, ହରିଦାସପୁର-କେନ୍ଦ୍ରାପଡ଼ା ଓ ପାରାଦୀପ ପର୍ଯ୍ୟନ୍ତ ପାସେଞ୍ଜର ଟ୍ରେନ୍ ଚାଲୁ କରିବା, ଧାନମଣ୍ଡଳଠାରେ ଇଣ୍ଡିଆନ ଅଏଲ୍ ତରଫରୁ ତୈଳ ବିଶୋଧନାଗାର ସ୍ଥାପନ କରିବା, ଓଡ଼ିଶାର ୪୮୦ କିମି ବ୍ୟାପ୍ତ ସମୁଦ୍ର ତଟ ଅଞ୍ଚଳରେ ହେନ୍ତାଳ ବଣ ସହ ଉଚ୍ଚ ବନ୍ଧ ଓ ରାସ୍ତା ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ଘୋଷଣା କରିବାକୁ ବରିଷ୍ଠ କଂଗ୍ରେସ ନେତା ଡ. ରାମଚନ୍ଦ୍ର ଖୁଣ୍ଟିଆ ଦାବି କରିଛନ୍ତି। ସେହିପରି ଯାଜପୁର-କେନ୍ଦୁଝର-ରାଉରକେଲା-ସୁନ୍ଦରଗଡ଼ ଅଞ୍ଚଳରୁ ବହୁ କୋଟି ଟଙ୍କାର ଖଣିଜ ପଦାର୍ଥ ବିଦେଶକୁ ପଠାଯାଉଛି। ଏଣୁ ଯାଜପୁର କେନ୍ଦୁଝର-ରାଉରକେଲା-ସୁନ୍ଦରଗଡ଼ ଅଂଚଳରେ ଏହି ଖଣିଜ ପଦାର୍ଥକୁ ବିନିଯୋଗ କରି ନୂତନ କଳକାରଖାନା ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିବାକୁ ଖୁଣ୍ଟିଆ ଦାବି ରଖିଛନ୍ତି। ଉପରୋକ୍ତ ପ୍ରକଳ୍ପ ଗୁଡ଼ିକୁ ଘୋଷଣା କରା ନ ଗଲେ ସଭାକୁ କଂଗ୍ରେସ ତରଫରୁ ବିରୋଧ କରାଯିବ ବୋଲି ଜିଲା କଂଗ୍ରେସ କମିଟି ସଭାପତି ମନୋଜ ରାଉତ ଓ କଂଗ୍ରେସ ନେତା ସନ୍ତୋଷ ନନ୍ଦ ପ୍ରକାଶ କରିଛନ୍ତି।

# ଯାଜପୁର ସଦର ଥାନା ଅଧିକାରୀ ପଦବୀ ଖାଲି

## ଥାନା ଅଞ୍ଚଳରେ ବଢୁଛି ଅସାମାଜିକ କାର୍ଯ୍ୟକଳାପ

ଯାଜପୁର ସଦର,୩।୩ (ସମର ବିଜୟ ଶରଣ)

ଆଉ ଦିନ କେଇଟା ପରେ ନିର୍ବାଚନ ତାରିଖ ଘୋଷଣା ହେବ। ଏଥିପାଇଁ ରାଜନୈତିକ ଦଳର ନେତାମାନେ ନିର୍ବାଚନୀ ରଣକୌଶଳ ପ୍ରସ୍ତୁତି ଆରମ୍ଭ କରି ସାରିଲେଣି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ହେଲେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବାରେ ଯାଜପୁର ସଦର ଥାନା ଅସମର୍ଥ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି। ୨୦୦୯ରେ ଏହା ନୂତନ ଥାନାର ମାନ୍ୟତା ପାଇଥିଲା। ଥାନାକୁ ୧୫ ବର୍ଷ ହୋଇଥିବାବେଳେ ୧୫ ଥାନା ଅଧିକାରୀଙ୍କ ବଦଳି ହୋଇସାରିଲାଣି। ଶେଷଥର ୦୨।୦୨।୨୦୨୪ରେ ଥାନା ଅଧିକାରୀଙ୍କ ବଦଳି ହୋଇଛି। ତାଙ୍କ ସ୍ଥାନରେ ଆଉ କୌଣସି ଥାନା ଅଧିକାରୀ ଯୋଗ ଦେଇନାହାନ୍ତି। ଫଳରେ ଏକ ମାସ ହେଲା ଏଠାରେ ଥାନା ଅଧିକାରୀଙ୍କ ପଦବୀ ଖାଲି ପଡ଼ିଛି। ଏହି ଥାନାରେ ୪ ଏଏସ୍‌ଆଇ ଆବଶ୍ୟକ ଥିବାବେଳେ ମାତ୍ର ଜଣେ ଏଏସ୍‌ଆଇ ଓ ୨ ଏସ୍‌ଆଇଙ୍କୁ ନେଇ ଥାନା ଚାଲିଛି। ଥାନା ଅଧୀନରେ ୧୮ ପଞ୍ଚାୟତ ରହିଛି। ହେଲେ କର୍ମଚାରୀ ଅଭାବରୁ ଥାନା ଅଞ୍ଚଳରେ ପୋଲିସ ପାଟ୍ରୋଲିଂ କରାଯାଉନାହିଁ। ଫଳରେ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ସେହିପରି ଥାନାରେ ବିଭିନ୍ନ ସମସ୍ୟା ଲାଗିରହିଛି। ପିଇବା ପାଣି ମିଳୁନାହିଁ। ବିଦ୍ୟୁତ୍ କାଟ ସମୟରେ ଥାନା ସମ୍ପୂର୍ଣ୍ଣ ଅନ୍ଧାର ହୋଇଯାଉଛି। ଥାନାରେ ଲାଗିଥିବା ସିସିଟିଭି ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ଏସବୁକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତେଣୁ ବିଭାଗୀୟ ଉଚ୍ଚ ଅଧିକାରୀ ଥାନାର ସମସ୍ତ ପଦ ପଦବୀ ପୂରଣ କରିବା ସହ ସମସ୍ୟାଗୁଡ଼ିକର ସମାଧାନ କରିବାକୁ ଦାବି ହୋଇଛି।

# ଜେଏନ୍ ଟାଟାଙ୍କ ୧୮୫ତମ ଜୟନ୍ତୀ


ଟାଟାଙ୍କ ଜୟନ୍ତୀ ଉତ୍ସବରେ ଯୋଗ ଦେଇଥିବା ଅଧିକାରୀ ଓ କର୍ମଚାରୀ।

କଳିଙ୍ଗନଗର,୩।୩ (ଶୁଭାଶିଷ ରାଉତ)

ଟାଟା ଷ୍ଟିଲ କଳିଙ୍ଗନଗର କାରଖାନା ପକ୍ଷରୁ କମ୍ପାନୀର ପ୍ରତିଷ୍ଠାତା ଜାମସେଟ୍‌ଜୀ ନୁସେରୱାନଜୀ(ଜେଏନ୍) ଟାଟାଙ୍କ ୧୮୫ତମ ଜୟନ୍ତୀ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଇଞ୍ଜିନିୟରିଂ ଆଣ୍ଡ ପ୍ରୋଜେକ୍ଟସ ଟିମ୍ ପକ୍ଷରୁ ୫ କିଲୋମିଟରର ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାରଖାନା ଗ୍ରୀନ ଟ୍ରାନ୍ସପୋର୍ଟ ଲଜିଷ୍ଟିକ ପାର୍କ ନିକଟରୁ ଆରମ୍ଭ ହୋଇଥିବା ଏହି ଦୌଡ଼ରେ ବିଭିନ୍ନ ଭେଣ୍ଡର ପାର୍ଟନର ପକ୍ଷରୁ ୩୦୦ରୁ ଅଧିକ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହାପରେ କର୍ମଚାରୀଙ୍କ ଦ୍ୱାରା ଏକ ପରେଡ ଆୟୋଜନ କରାଯାଇଥିଲା। ଏଥିରେ ଟାଟା ଷ୍ଟିଲ୍ କଳିଙ୍ଗନଗରର ବରିଷ୍ଠ ଅଧିକାରୀ, ୟୁନିୟନ ଅଧିକାରୀଙ୍କ ସମେତ ଅନ୍ୟ କର୍ମଚାରୀ ଯୋଗଦେଇ ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଟାଟା ପରିବାରର ସଦସ୍ୟ, କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ପାଇଁ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ସହ ଅନ୍ୟ କ୍ରୀଡ଼ା କାର୍ଯ୍ୟକ୍ରମ ରିହାବିଲିଟେଶନ କଲୋନୀ ଓ କମ୍ପାନୀର ହାଉସିଂ କଲୋନୀରେ ଆୟୋଜନ କରାଯାଇଥିଲା। ଟାଟା ଷ୍ଟିଲ ଫାଉଣ୍ଡେଶନ ପକ୍ଷରୁ ଗ୍ରୀନ ଟ୍ରାନ୍ସପୋର୍ଟ ପାର୍କରେ ଏକ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। ଏଥିରେ ୨୮୩ ଠିକା ସଂସ୍ଥାର ଡ୍ରାଇଭର ଉପକୃତ ହୋଇଥିଲେ।

## ଜିଲାସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

ପାଣିକୋଇଲି,୩।୩ (ବିକାଶ ମଲ୍ଲିକ)

କୋରେଇ ବ୍ଲକ୍ ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ଅଳତିରି କାଙ୍କଲା ଗ୍ରାମରେ ବାସୁଦେବ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ୭ମ ବାର୍ଷିକ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୬ ଦଳ ଯଥା ; ପିସିଆର କରେଣ୍ଟ ଏକାଦଶ, ରକି ରକଷ୍ଟାର, ରୋମି ରାଇଜିଂ ଷ୍ଟାର୍, ଅନିଲ ୱାରିଅସ, ନନ୍ଦୁ ଚ୍ୟାଲେଞ୍ଜର୍ସ ଓ ନବ ରାଇଟ ରାଇଡର ଅଂଶଗ୍ରହଣ କରିଛନ୍ତି। ତିନି ଦିନ ବ୍ୟାପୀ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଅତିଥିଭାବେ ଯୁବ ସାମାଜିକ କର୍ମୀ ବନୋଜ ଜେନା ଓ ନିମାଇଁ ମଲ୍ଲିକ ପ୍ରମୁଖ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘଟନୀ ମ୍ୟାଚ୍ ପିସିଆର କରେଣ୍ଟ ଏକାଦଶ ବନାମ ନବ ରାଇଟ ରାଇଡର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନବ ରାଇଟ ରାଇଡର ପିସିଆରକୁ ହରାଇ ବିଜୟୀ ହୋଇଥିଲା। ଆୟୋଜକ କମିଟି କମକର୍ତ୍ତା ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ଷଣ୍ଢ ଚାଲାଣକାରୀଙ୍କ ବିରୋଧରେ ଅଭିଯୋଗ

ପାଣିକୋଇଲି,୩।୩ (ବିକାଶ ମଲ୍ଲିକ)

ପାଣିକୋଇଲି ଥାନା ଅର୍ନ୍ତଗତ ଗୋଳେଇପୁର ପଞ୍ଚାୟତରେ ବାରମ୍ବାର ବିରୋଧ ସତ୍ତ୍ୱେ ଅବାଧରେ ଷଣ୍ଢ ଚାଲାଣ ହେଉଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ଖସି ଯାଇ ବେପାର କରୁଛନ୍ତି। ଏହାକୁ ନେଇ ଗୋଳେଇପୁର ସରପଞ୍ଚ ସସ୍ମିତା ମାଝି ଉଦ୍‌ବେଗ ପ୍ରକାଶ କରିବା ସହ ଷଣ୍ଢ ଚାଲାଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ମୁତାବକ, କେତେଜଣ ବ୍ୟକ୍ତି ବେଆଇନ ଷଣ୍ଢ ଚାଲଣ, ଗୋଚାଲଣ ଓ ଗୋମାଂସ ଚାଲାଣ ଆଦି ଜାରି ରଖିଛନ୍ତି। ସେମାନେ ଅଞ୍ଚଳରେ ଆତଙ୍କ ଚଳାଇଛନ୍ତି। ଫଳରେ ସ୍ଥାନୀୟ ଅଞ୍ଚଳର ସାଧାରଣ ଜନତା ଆତଙ୍କିତ ଅବସ୍ଥାରେ ଅଛନ୍ତି। ତେଣୁ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

# ପଲ୍‌ସ ପୋଲିଓ କାର୍ଯ୍ୟକ୍ରମର ଶୁଭାରମ୍ଭ

ବିଞ୍ଝାରପୁର,୩।୩(ରାମକୃଷ୍ଣ ଦାସ)

ବିଞ୍ଝାରପୁର ବ୍ଲକ୍ ଅଞ୍ଚଳରେ ରବିବାର ପଲସ୍ ପୋଲିସ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ବ୍ଲକ୍ ଅଧକ୍ଷା ରଞ୍ଜିତା କୁମାରୀ ଦାସ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗଦେଇ ୦ରୁ ୫ ବର୍ଷର ଶିଶୁଙ୍କୁ ପଲସ ପୋଲିଓ ବୁନ୍ଦା ଖୁଆଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ପିତାମାତା ନିଜ ସନ୍ତାନମାନଙ୍କୁ ଏହି ପୋଲିଓ ବୁନ୍ଦା ଖୁଆଇ ସେମାନଙ୍କ ଭବିଷ୍ୟତ ସୁରକ୍ଷା କରିବାକୁ ଅଧକ୍ଷା ଆହ୍ୱାନ ଦେଇଛନ୍ତି। ଇସାନ ଜେନାଙ୍କୁ ପ୍ରଥମେ ପୋଲିଓ ବୁନ୍ଦା ଖୁଆଯାଇଥିଲା। ପ୍ରଥମ ଦିନରେ ବୁଥ୍‌ଗୁଡ଼ିକରେ ଶିଶୁଙ୍କୁ ପୋଲିଓ ବୁନ୍ଦା ଖାଇବାର ବ୍ୟବସ୍ଥା କରାଯାଇଥିଲାବେଳେ ୪ ଓ ୫ତାରିଖରେ ଘରଘର ବୁଲି ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯିବ। ଶୁଭାରମ୍ଭ କାର୍ଯ୍ୟକ୍ରମରେ ଗୋଷ୍ଠୀ ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କ୍ଷୀତିଶ କୁମାର ନାୟକ, ଡ. ରତିକାନ୍ତ ଦାସ, ବିପିଏମ ବିଜୟ କୁମାର ସାହୁ, ଏଏନ୍‌ଏମ ରଶ୍ମିତା ମଲିକ ଓ ସସ୍ମିତା ସିଂଙ୍କ ସମେତ ଗୋଷ୍ଠୀକେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



## ଧର୍ମପରାୟଣା ମହିଳାଙ୍କ ପରଲୋକ

ପାଣିକୋଇଲି,୩।୩(ବିକାଶ ମଲ୍ଲିକ)

କୋରେଇ ବ୍ଲକ୍ ଅଧୀନ ମୂଳାପାଳ ଲିଙ୍ଗେଶ୍ୱର ଶିଶୁ ମନ୍ଦିରର ପ୍ରତିଷ୍ଠାତା ସଦସ୍ୟ ଦାମୋଦର ଧଳଙ୍କ ସ୍ତ୍ରୀ ନଳିନୀପ୍ରଭା ଧଳଙ୍କ (୭୫) ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ଲିଙ୍ଗେଶ୍ୱର ଉନ୍ନୟନ କମିଟି ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ନଳିନୀପ୍ରଭା ଯାଜପୁର ବ୍ଲକ ମାଳଆନନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ବ୍ରଜନଗର ଗ୍ରାମରେ ଜଣେ ଧର୍ମପରାୟଣା ମହିଳା ଭାବେ ବେଶ ପରିଚିତ ଥିଲେ। କିଛି ଦିନ ହେବ ବ୍ରେନ ଟ୍ୟୁମର ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସିତ ହେଉଥିଲେ। ବୈତରଣୀ ନଦୀକୂଳ ମୂଳାପାଳ ଶଶ୍ମାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସାନପୁଅ ବିକ୍ରମ ମୁଖାଗ୍ନି ଦେଇଥିଲେ।

# ଗାନ୍ଧୀବାଦୀ ନେତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ




ବରୀ/ପ୍ରୀତିପୁର,୩।୩
(ମହେନ୍ଦ୍ର ସ୍ୱାଇଁ/ସୁଶାନ୍ତ ବେହୁରିଆ)

ଯାଜପୁର ଜିଲା ବିଞ୍ଝାରପୁର ଓ ବରୀ ଅଞ୍ଚଳର ଗାନ୍ଧୀବାଦୀ ନେତା ଅଚ୍ୟୁତାନନ୍ଦ ସାମଲଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅରିଲୋ ଗ୍ରାମଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ସାମଲଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ଅଚ୍ୟୁତାନନ୍ଦ ସାମଲ ସ୍ମାରକ ପ୍ରତିଷ୍ଠାନ ସଭାପତି ନିମାଇଁ ରାୟଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି କୁମରବର ଦାସ, ବିଶିଷ୍ଟ ଅତିଥି ସ୍ତମ୍ଭକାର ପ୍ରହ୍ଲାଦ ସିଂ, ମୁଖ୍ୟବକ୍ତାଭାବେ ପ୍ରଫେସର ସଂଘମିତ୍ରା ମିଶ୍ର ଓ ଭଦ୍ରକ ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ ନାୟକ ପ୍ରମୁଖ ଯୋଗଦେଇ ସାମଲଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହ 'ଗାନ୍ଧୀ ମଣିଷ ଅଚ୍ୟୁତାନନ୍ଦ' ପୁସ୍ତକ ଲୋକାର୍ପଣ କରିଥିଲେ। ପରେ ସାମଲଙ୍କ ଜୀବନୀ ଉପରେ ଅତିଥି ଆଲୋକପାତ କରିଥିଲେ। ଛାତ୍ରୀଛାତ୍ର ଗାନ୍ଧୀ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କ ମାର୍ଗ ଅନୁସରଣ କରିବାକୁ ଅତିଥି ଆହ୍ୱାନ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଦିଲୀପ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ତପନ ବିହାରୀ ଭଞ୍ଜ, ରାଧାକାନ୍ତ ସାମଲ, ବନଜା ସାମଲ, ଅନ୍ତର୍ଯାମୀ ସାମଲ ଓ ନୃସିଂହ ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

# ମା' ତାରିଣୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

## ଯୋଗଦେଲେ କୋରେଇ ବିଧାୟକ

ଯାଜପୁରରୋଡ୍,୩।୩
(ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗର ପୌର ପରିଷଦର ୬ନଂ. ୱାର୍ଡ ସତ୍ୟନଗରଠାରେ ମା'ତାରିଣୀଙ୍କ ୩ ଦିନିଆ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ଣ୍ଣାହୁତିରେ କୋରେଇ ବିଧାୟକ ଅଶୋକ ବଳ ଯୋଗଦେଇ ମା'ଙ୍କ ଆଶିଷ ଭିକ୍ଷା କରିବା ସହ ଯଜ୍ଞରେ ଆହୁତି ପ୍ରଦାନ କରିଥିଲେ। ଉକ୍ତ ୱାର୍ଡର କାଉନସିଲର ସୁଜାତା ପ୍ରିୟଦର୍ଶିନୀ ପରିଡ଼ା ଏବଂ ମନ୍ଦିର କମିଟି ସଦସ୍ୟମାନେ ବିଧାୟକ ବଳଙ୍କୁ ସ୍ୱାଗତ କରିବା ସହ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ ପୌର ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, ଜିଲା ମହିଳା ବିଜେଡି ସଭାନେତ୍ରୀ ସବିତା ରାଉତ, ବିଧାୟକଙ୍କ ପ୍ରତିନିଧି ଅମୂଲ୍ୟ ନାୟକ, ବ୍ଲକ ବିଜେଡି ସଭାପତି ଭକ୍ତ ଦାସ, ନଗର ବିଜେଡି ସମ୍ପାଦକ ମହେଶ ଧଳ, କାଉନସିଲର ମୋନାଲିସା ସାହୁ, ଅଶୋକ ଦାସ, ମନୋଜ ପରିଡ଼ା, ମନୋଜ ରାଉତ, ତପସ୍ୱିନୀ ଶତପଥୀ, ମକରଧ୍ୱଜ ରାଉତ, ପ୍ରିୟାଂଶୁ ପରିଡ଼ା, ଶୁକଦେବ ପାତ୍ର, କୁଳମଣି ପଣ୍ଡା ଓ ପ୍ରଭାତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିର ନିର୍ମାଣ କାର୍ଯ୍ୟରେ ବିଧାୟକଙ୍କ ହାତ ପାଣ୍ଠିରୁ ୬ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିବାରୁ କମିଟି ପକ୍ଷରୁ ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।


କୋରେଇ ବିଧାୟକଙ୍କ ସହ ଗ୍ରାମବାସୀ।

# ଚିକିତ୍ସା ଭତ୍ତା ଯୋଗାଇଦେବାକୁ ଦାବି



ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ମୁଖପତ୍ରକୁ ଅତିଥି ଉନ୍ମୋଚନ କରୁଛନ୍ତି।

## ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ବାର୍ଷିକ ଉତ୍ସବ

ଧର୍ମଶାଳା,୩।୩(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ଅବସରପ୍ରାପ୍ତ କର୍ମଚାର ମହାସଂଘର ୨୬ତମ ବାର୍ଷିକ ଉତ୍ସବ ଜାରକାସ୍ଥିତ ଧର୍ମଶାଳା କ୍ଲବ ପରିସରରେ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଯୁଧିଷ୍ଠିର ସ୍ୱାଇଁଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଦାସ, ଅତିଥି ଭାବେ ମହାସଂଘ କାର୍ଯ୍ୟକାରୀ ସଭାପତି ନିର୍ମଳ ଚନ୍ଦ୍ର ଦାସ, ମହାସଂଘ ସଚିବ ଗୋକୁଳାନନ୍ଦ ବେହେରା, ଜିଲା ସଂଘ ସଭାପତି ରବି ଶତପଥୀ ଓ ଅବସରପ୍ରାପ୍ତ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ବିଜୟ ଶତପଥୀ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଚିକିତ୍ସା ଭତ୍ତା ସହ ଅନ୍ୟ ସୁବିଧା ଯୋଗାଇ ଦେବାକୁ ଦାବିକରିଥିଲେ।

ଏହି ଅବସରରେ ସଂଘର ଅଧ୍ୟକ୍ଷ ଦାସ, ସଭାପତି ଶତପଥୀ, ପ୍ରହ୍ଲାଦ ପାତ୍ର, ବିଦ୍ୟାଧର ବଳ, ରବୀନ୍ଦ୍ର ନାରାୟଣ ଦାଶ, ଅଭିରାମ ସାମନ୍ତରାୟ, ଗୋପୀନାଥ ସେଠୀ, ଉତ୍ସବ ପଣ୍ଡା, ଗୋପାଳ ଚନ୍ଦ୍ର ରାଉତ ଓ ଗଙ୍ଗାଧର ପରିଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସଭ୍ୟ ବଟକୃଷ୍ଣ ଓଝାଙ୍କ ସମ୍ପାଦନାରେ ସଂଘର ମୁଖପତ୍ର 'ଅବସର ଜ୍ୟୋତି'କୁ ଅତିଥି ଉନ୍ମୋଚନ କରିଥିଲେ। ପରେ କୃତୀ ଛାତ୍ର ସ୍ମିତିରଞ୍ଜନ ମିଶ୍ର, ବିଶ୍ୱନାଥ ମହାରଣା ଓ ଛାତ୍ରୀ ସୋନାଲିସା ସାହୁଙ୍କୁ ସଂଘ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସମ୍ପାଦକ ବିବେକାନନ୍ଦ ନାୟକ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସୁନାକର ସାହୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଡ. ପ୍ରଶାନ୍ତ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବ୍ରଜକିଶୋର ଦାଶ ମଙ୍ଗଳାଷ୍ଟକ ପାଠ କରିଥିଲେ। ବରିଷ୍ଠ ସଭ୍ୟ କରୁଣାକର ବରାଳ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହୃଷୀକେଶ ସାମଲ ଓ ଅମୂଲ୍ୟ ସୁତାର ମଞ୍ଚ ପରିଚାଳନା କରିଥିଲେ। ଉପସଭାପତି ଆଶାତରୁ ନାୟକ ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଭ୍ୟ ଅଭିରାମ ନନ୍ଦ ଓ ରମାକାନ୍ତ ଜେନା ନିର୍ବାଚନକୁ ପରିଚାଳନା କରିଥିଲେ। ସଭାପତି ଭାବେ ଆଶାତରୁ ନାୟକ, ଉପସଭାପତି କରୁଣାକର ବରାଳ, ବିଜୟ ମିଶ୍ର, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ସ୍ୱାଇଁ, ସହସମ୍ପାଦକ ସୁବାସ ଚନ୍ଦ୍ର ବେହେରା, ଅଦିକନ୍ଦ ସ୍ୱାଇଁ, କେତକୀ ନାୟକ, ସଙ୍ଗଠନ ସମ୍ପାଦକ ଭାବେ ପୀତବାସ ପାତ୍ର, ବଟକୃଷ୍ଣ ସାହୁ ଓ କୋଷାଧ୍ୟକ୍ଷ ଭାବେ ଭିକାରୀ ଚରଣ ମଲିକ ମନୋନୀତ ହୋଇଥିଲେ।

# ଭଙ୍ଗାଘରେ ବିତୁଛି ଗୁଣ୍ଡିଚାଙ୍କ ଜୀବନ

## ଆବାସ ଯୋଜନା ତାଙ୍କ ପାଇଁ ସାତସପନ

ପଟ୍ଟାମୁଣ୍ଡାଇ,୩।୩(କଳ୍ପତରୁ ନାୟକ)

ଗରିବ ବାସହୀନ ଲୋକଙ୍କୁ ପକ୍କାଗୃହ ଯୋଗାଇ ଦେବା ଲକ୍ଷ୍ୟରେ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଭଳି ଯୋଜନା କାର୍ଯ୍ୟକାରୀ କରିଛନ୍ତି। ହେଲେ କେତେଜଣ ବିଭାଗୀୟ ଅଧିକାରୀଙ୍କ ଅବହେଳା ଓ ଆନ୍ତରିକତାର ଅଭାବରୁ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ହିତାଧିକାରୀ ପାଇପାରୁନାହାନ୍ତି। ଗରିବ ଲୋକଙ୍କୁ ଆବାସ ମିଳୁ ନ ଥିବା ବେଳେ କୋଠା ଘରେ ରହୁଥିବା ଲୋକଙ୍କୁ ମିଳୁଛି। ଯାହା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଦେଖିବାକୁ ମିଳୁଛି ବୋଲି ଅଭିଯୋଗ ହୋଇଛି। ଗରିବ ଲୋକ ଆବାସ ଯୋଜନାରୁ ବଞ୍ଚିତ ହୋଇ ଝାଟିମାଟି ଘରେ ଦିନ କାଟୁଛନ୍ତି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ୍ ଓଉପଦା ପଞ୍ଚାୟତ ସୁବର୍ଣ୍ଣପୁର ଗ୍ରାମର ଗୁଣ୍ଡିଚା ଭଳଙ୍କ ପରିବାର ଝାଟିମାଟି ଭଙ୍ଗା ଘରେ ରହୁଥିଲେ ହେଁ ପ୍ରଶାସନ ସବୁ ଦେଖି ନୀରବଦ୍ରଷ୍ଟା ସାଜିଛି। ସେ ଜଣେ ଗରିବ ବିଧବା ମହିଳା। ତାଙ୍କ


ନିଜ ଘର ସମ୍ମୁଖରେ ଗୁଣ୍ଡିଚା ଭଳ।

ପରିବାର କହିଲେ ପୁଅ, ବୋହୂ ଓ ଜଣେ ନାତୁଣି। ପୁଅ ଘରୋଇ ପାଇପ ମିସ୍ତ୍ରୀ ଭାବେ ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ସେ ଯାହା ଟଙ୍କା ପଠାନ୍ତି ଏଥିରେ ଗୁଣ୍ଡିଚାଙ୍କ ପରିବାର ଚଳେ। ଏପରି ପରିସ୍ଥିତିରେ ପରିବାର ଲୋକେ ଭଙ୍ଗାଦଦରା ଘରେ ଦିନ କାଟୁଛନ୍ତି। ପକ୍କା ଘରଟିଏ ତୋଳିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ। ବର୍ଷା ହେଲେ ବାର ଦ୍ୱାର ଶୁଣ୍ଢିପିଣ୍ଡା ହେବାକୁ ପଡୁଛି ବୋଲି ୭୦ ବର୍ଷୀୟା ବୃଦ୍ଧା ଗୁଣ୍ଡିଚା କୋହଭରା କଣ୍ଠରେ କହିଛନ୍ତି। ଏଥିପାଇଁ ସେ ପଞ୍ଚାୟତ ଅଫିସଠାରୁ ବ୍ଲକ ପର୍ଯ୍ୟନ୍ତ ଦରଖାସ୍ତ ଦେଇ ହତାଶ ହୋଇପଡିଲିଣି। ଗୁଣ୍ଡିଚା କୁହନ୍ତି, ଆକାଶରେ ମେଘ ଦେଖିଲେ ଭୟରେ ଛାତି ଥରିଉଠେ। କିପରି ବିତିବ ରାତି। ବର୍ଷା ପବନ ସାଙ୍ଗକୁ କଚ୍ଚା ଘରେ ସରୀସୃପଙ୍କ ଭୟ କହିଲେ ନସରେ। ତଥାପି ଆମେ ଭାଗ୍ୟ ଓ ଭଗବାନଙ୍କୁ ଦ୍ୱାହି ଦେଇ ଜୀବନ କାଟୁଛୁ। ହେଲେ ଆମ କଥା କେହି ଶୁଣୁ ନାହାନ୍ତି ବୋଲି ସେ କହିଛନ୍ତି।

ସେହିଗ୍ରାମର ସାମାଜିକ କର୍ମୀ ଲୁଟନ ନାୟକ କୁହନ୍ତି, କେନ୍ଦ୍ର ଓ ରାଜ୍ୟ ସରକାର କହିଥିଲେ ୨୦୨୪ ସୁଦ୍ଧା କେହି ଆଉ ମାଟି କାନ୍ଥ ଓ ଚାଳଘରେ ରହିବେ ନାହିଁ। କିନ୍ତୁ ଗୁଣ୍ଡିଚା ମାଆଙ୍କ ପରି ବହୁ ଲୋକ ଝାଟିମାଟି କୁଡିଆରେ ଜୀବନ ବିତାଉଥିବା ଦେଖିବାକୁ ମିଳୁଛି। ନା ସେମାନଙ୍କୁ ଦାୟିତ୍ୱରେ ଥିବା ଅଧିକାରୀ ଦେଖୁଛନ୍ତି ନା ଜିଲା ପ୍ରଶାସନ। ଲାଞ୍ଚ ଦେବାକୁ ସମ୍ବଳ ନ ଥିବାରୁ ବହୁ ଲୋକ ଏହି ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଏ ସଂକ୍ରାନ୍ତରେ ଗୁଣ୍ଡଚାଙ୍କ ବୋହୂ ଛବିଳତା ଭଳ କୁହନ୍ତି, ୨୦୨୦-୨୧ ଆର୍ଥିକ ବର୍ଷରେ ଆବାସ ଯୋଜନା ହିତାଧିକାରୀ ତାଲିକାରେ ଆମ ଶ୍ୱଶୁର ସ୍ୱର୍ଗତ ଅଜାମ୍ବର ଭଳଙ୍କ ନାମ ଥିଲା। ଦୀର୍ଘ ବର୍ଷର ପ୍ରତୀକ୍ଷା ପରେ ୨୦୨୧-୨୨ ଆର୍ଥିକ ବର୍ଷରେ ଅଜାମ୍ବର ଭଳଙ୍କ ନାମରେ ଆବାସ ଯୋଜନାରେ ଏକ ଘର ମଞ୍ଜୁର ହୋଇଥିବା ସଂକ୍ରାନ୍ତରେ ହିତାଧିକାରୀ ତାଲିକାରେ ନାମ ରହିଥିଲା। ବିଭାଗୀୟ କର୍ମଚାରୀମାନେ ଆମ ଠାରୁ ଆବସ ଯୋଜନା ପାଇଁ ଆବଶ୍ୟକ କାଗଜର ଜେରକ୍ସ କପି ସଂଗ୍ରହ କରି ନେଇଥିଲେ। ମାତ୍ର ୨୦୨୧ ଏପ୍ରିଲରେ ଶ୍ୱଶୁରଙ୍କ ମୃତ୍ୟୁ ଘଟିଥିଲା। ତେବେ ବିଡମ୍ବନାର ବିଷୟ ପଞ୍ଚାୟତରେ ପ୍ରକାଶିତ ହିତାଧିକାରୀ ବ୍ୟାନର୍ ତାଲିକାରେ ଶ୍ୱଶୁର କିମ୍ବା ଶାଶୁ ଗୁଣ୍ଡିଚାଙ୍କ ନାମ ନ ଥିଲା। ତତ୍କାଳୀନ ସରପଞ୍ଚ ସୁବାସ ଖଟୁଆଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ଆଜି ପର୍ଯ୍ୟନ୍ତ ମିଳିନାହିଁ ବୋଲି ସେ ସୂଚନା ଦେଇଛନ୍ତି।

ଏସଂକ୍ରାନ୍ତରେ ଓଉପଦା ସରପଞ୍ଚ ମମତା ସାମଲଙ୍କୁ ପଚାରିବାରୁ ଯେଉଁ ହିତାଧିକାରୀଙ୍କ ନାମ ତାଲିକାରେ ଥିଲା ସେମାନଙ୍କୁ ଆବାସ ଗୃହ କିପରି ଦିଆଯିବ ସେଥିନେଇ ପଞ୍ଚାୟତରେ ଗ୍ରାମସଭା କରି ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇଛି। ଏହାର ସମାଧାନ ପାଇଁ ଉଦ୍ୟମ କରାଯିବ ବୋଲି ସେ କହିଛନ୍ତି।

# ବିଧାୟକଙ୍କ ମାରାଥନ ଶିଳାନ୍ୟାସ

## ସାମିଲ ହେଲେ କଂଗ୍ରେସ ସମର୍ଥିତ ସରପଞ୍ଚ ଓ କର୍ମୀ


ଶିଳାନ୍ୟାସ ଉତ୍ସବରେ ବିଧାୟକ ଓ ଅନ୍ୟମାନେ।

ରାଜନଗର,୩।୩(ଭାସ୍କର ରାଉତରାୟ)

ବିଧାୟକ ଧ୍ରୁବ ସାହୁ ରବିବାର ରାଜନଗରରେ ମାରାଥନ ଶିଳାନ୍ୟାସ କରିଛନ୍ତି। ଚାନ୍ଦିବାଉଁଶମୂଳ ଠାରୁ ବାଉଁଶନଳୀ ରାସ୍ତାର ହଂସୁଆ କ୍ରିକ ଉପରେ ୩ କୋଟି ୫୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ସେତୁର ଉଦ୍‌ଘାଟନ କରିଛନ୍ତି। ଏଥିସହିତ ଗ୍ରାମ୍ୟ ଉନ୍ନୟନ ରାସ୍ତାର ରାଜବିଜୟନଗର ଠାରୁ ବଳଭଦ୍ରପୁର ପର୍ଯ୍ୟନ୍ତ ୭ କି.ମି. ରାସ୍ତାର ଉନ୍ନତୀକରଣ କାମ ୮ କୋଟି ୫୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବ। ବିଧାୟକ ଏହି ରାସ୍ତାର ଶିଳାନ୍ୟାସ କରିଛନ୍ତି। ଏଥିସହିତ ଆମ ଓଡିଶା, ନବୀନ ଓଡିଶା କାର୍ଯ୍ୟକ୍ରମରେ ଜୁନୁସନଗର ଗାଁରେ ୩ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଶ୍ରୀଜଗନ୍ନାଥ ଗୋଷ୍ଠୀ କେନ୍ଦ୍ର ନିର୍ମାଣ, ରାଜବିଜୟନଗର ଗାଁରେ ଅଢେଇ ଲକ୍ଷ ଟଙ୍କା ବ୍ୟୟରେ ଶ୍ରୀଜଗନ୍ନାଥ ରୋଷଘର ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ ସହିତ ରିଘାଗଡ, ଘଡିଆମାଳ ଓ ପଞ୍ଚୁପଲ୍ଲୀଠାରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି।

ରାଜବିଜୟନଗରଠାରେ ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିଳାନ୍ୟାସ ଉତ୍ସବରେ ଈଶ୍ୱରପୁର ପଞ୍ଚାୟତର କଂଗ୍ରେସ ସମର୍ଥିତ ସରପଞ୍ଚ ସୁରେଖା ପ୍ରଧାନ, ତାଙ୍କ ସ୍ୱାମୀ ତଥା ପଞ୍ଚାୟତ କଂଗ୍ରେସ କମିଟି ସଭାପତି ହୃଷିକେଶ ପ୍ରଧାନ, ନାଏବ ସରପଞ୍ଚ ଅଭିରାମ ମୁଦୁଲି, ୱାର୍ଡସଭ୍ୟ ବିଜୟ ମହାରଣା, ୱାର୍ଡସଭ୍ୟା ଦିପ୍ତିମୟୀ ଦାସ, ପୂର୍ବତନ ସେବା ସମବାୟ ସମିତିର ସଭାପତି ପ୍ରମୁଖଙ୍କ ସହିତ ସେମାନଙ୍କ ସମର୍ଥକମାନେ ଯୋଗଦେଇ ବିଧାୟକଙ୍କ ବଳିଷ୍ଠ ନେତୃତ୍ୱରେ ଆମେ ବିକାଶକୁ ଆଗକୁ ନେବୁ, ଆମେ ଏକ ହୋଇ କାମ କରିବୁ ଓ ଏ ପଞ୍ଚାୟତର ବିକାଶ ବିଧାୟକଙ୍କ ପାଇଁ ସମ୍ଭବ ହୋଇପାରିଛି ବୋଲି କହିଥିଲେ। ବିଧାୟକ ଦଳର ନୂତନ ସଦସ୍ୟମାନଙ୍କୁ ସ୍ୱାଗତ କରିବା ସହ ମିଳିମିଶି ବିକାଶ ପାଇଁ କାମ କରିବାକୁ କହିଥିଲେ।

ରାଜନଗରର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ବିଜୁ ଜନତା ଦଳରେ ଗତ ଫେବୃୟାରୀ ୧୬ ତାରିଖରୁ ବିଜୁ ଜନତା ଦଳରେ ସାମିଲ ହୋଇସାରିଛନ୍ତି। ଆଜିଯାଏଁ ମହାନ୍ତି ରାଜନଗରକୁ ଆସି ନ ଥିବା ବେଳେ ତାଙ୍କ ସମର୍ଥକମାନେ ବିଜୁ ଜନତା ଦଳରେ ସାମିଲ ହୋଇପାରିନାହାଁନ୍ତି। କିନ୍ତୁ ଏପଟେ ବିଧାୟକଙ୍କ ନେତୃତ୍ୱକୁ ସମର୍ଥନ ଜଣାଇ ବିଧାୟକଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ କଂଗ୍ରେସ ଦଳର କର୍ମୀମାନେ ସାମିଲ ହେଉଥିବା ଦେଖିବାକୁ ମିଳିଛି।

# ନାଳରୁ ମିଳିଲା ଯୁବକଙ୍କ ମୃତଦେହ

ରାଜନଗର,୩।୩(ଭାସ୍କର ରାଉତରାୟ)

ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ରଙ୍ଗଣୀ ପଞ୍ଚାୟତ ଚାଆଁରାକୋଲା ନିକଟ ଏକ ନାଳରୁ ରବିବାର ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ଯୁବକଙ୍କ ମୃତଦେହ ନିକଟରେ ଏକ ଖଟ ଓ ମୋବାଇଲ ଫୋନ୍ ପଡିଥିବାରୁ ତାଙ୍କ ମୃତ୍ୟୁ ପଛର କାରଣକୁ ନେଇ ନାନା କଥା ଆଲୋଚନା ହେଉଛି। ମୃତକ ହେଲେ ରଙ୍ଗଣୀ ଗାଁର କୁଞ୍ଜ ବିହାରୀ ଦଳାଇ(୩୦)। ନାଳକୁ ତାଙ୍କ ମୃତଦେହ କିପରି ଆସିଲା ତାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ସ୍ଥାନୀୟ ଲୋକଙ୍କ ସୂଚନା ମୁତାବକ କୁଞ୍ଜ ବିହାରୀ ରାଜମିସ୍ତ୍ରୀ କାମ କରି ପରିବାର ଚଳାନ୍ତି। ତାଙ୍କ ପଞ୍ଚାୟତର ଚାଆଁରାକୋଲା ବିଦ୍ୟାଳୟରେ ଏବେ ନିର୍ମାଣ କାମ ଚାଲିଛି। ଏହି ବିଦ୍ୟାଳୟ ବାହାରେ କରୋନା ସମୟରେ ଆସିଥିବା ଖଟ ଗଦା ହୋଇଛି। ଶନିବାର ରାତିରେ କୁଞ୍ଜ ବିହାରୀଙ୍କ ସହିତ ଅନ୍ୟ ୨ ଯୁବକ ବିଦ୍ୟାଳୟ ଭିତରେ ପଶି ମୋଟର ସାଇକେଲରେ ଖଟ ଚୋରିକରି ନେଉଥିଲେ। ମୋଟର ସାଇକେଲରେ ଖଟ ଧରି ଯିବା ବାଟରେ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣାସ୍ଥଳରେ କୁଞ୍ଜ ବିହାରୀଙ୍କ ମୃତ୍ୟୁ ଘଟିଥିଲା। ମୋଟର ସାଇକେଲ ଚାଳକ ଓ ଅନ୍ୟଜଣେ ଯୁବକ କୁଞ୍ଜ ବିହାରୀଙ୍କ ମୃତଦେହକୁ ନାଳକୁ ଠେଲି ଦେବା ସହିତ ସେ ଆଣିଥିବା ଖଟ ଓ ତାଙ୍କ ମୋବାଇଲକୁ ନାଳରେ ଫୋପାଡି ଦେଇ ଚାଲି ଯାଇଥିଲେ ବୋଲି ଏଠାରେ ଚର୍ଚ୍ଚା ହେଉଛି। ପୋଲିସ ଏ ନେଇ ତଦନ୍ତ ଆରମ୍ଭ କରିଛି।

# ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ


ବନ୍ୟପ୍ରାଣୀ ଦିବସ ପାଳନ ସଭାରେ ଛାତ୍ରୀମାନେ ପରିବେଶ ସୁରକ୍ଷା ଉପରେ ନୃତ୍ୟ ପରିବେଷଣ କରୁଛନ୍ତି।

- ବିଶ୍ୱ ବନ୍ୟ ପ୍ରାଣୀ ଦିବସ-୨୦୨୪ ପାଳିତ
- ପରିବେଶ ଭିତ୍ତିକ ନୃତ୍ୟ ପରିବେଷଣ କଲେ ଛାତ୍ରୀଛାତ୍ର

ମହାକାଳପଡ଼ା,୩।୩(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଜମ୍ବୁ ପଞ୍ଚାୟତରେ ରବିବାର ପୂର୍ବାହ୍ନରେ ସ୍ଥାନୀୟ ଭାଟେଣିସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ବିଶ୍ୱ ବନ୍ୟ ପ୍ରାଣୀ ଦିବସ-୨୦୨୪ ପାଳିତ ହୋଇ ଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ୱାଲ୍ଡ଼ ୱାଇଲ୍ଡ ଲାଇଫ୍ ଫଣ୍ଡ ଇଣ୍ଡିଆ ଓ ଜମ୍ବୁ,ସୁନିତି ପଞ୍ଚାୟତ ସହଯୋଗରେ ଏହି ବିଶ୍ୱ ବନ୍ୟ ପ୍ରାଣୀ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ହେନ୍ତାଳ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ଉପରେ ଆଧାରିତ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ସେହିପରି ତର୍କ, ଚିତ୍ରାଙ୍କନ ମାଧ୍ୟମରେ ଛାତ୍ରୀଛାତ୍ରମାନେ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ଅତିଥି ଭାବେ ଜମ୍ବୁ ରେଞ୍ଜ ଅଧିକାରୀ କାର୍ତ୍ତିକେଶ୍ୱର ଖଣ୍ଡାଇ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ବିଶ୍ୱ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ବନ୍ୟ ପ୍ରାଣୀ କିପରି ବିପଦମୁଖୀ ଆଡ଼କୁ ଅଗ୍ରସର ହେଉଛନ୍ତି ତା'ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଜଙ୍ଗଲରେ ବନ୍ୟପ୍ରାଣୀ ସଂଖ୍ୟା ଧୀରେ ଧୀରେ କମିବାରେ ଲାଗିଛି। ଯଥା ସାଳୁଆ ପତାନି, ହେଏନା, ହେଟା ବାଘ, ଶିଙ୍ଗାଳ ଆଦି ପ୍ରାଣୀ ବଙ୍ଗୋପସାଗର କୂଳ ଲୁଣା ଜଙ୍ଗଲରେ ଦେଖିବକୁ ମିଳୁଥିଲା। ସେହିପରି ଅହିରାଜ, ଅଜଗର, ମାଟିଆ ଗୋଧି, ସୋରିସିଆ ଗୋଧୀ ଆଦି ସରୀସୃପମାନଙ୍କୁ ଦେଖିବାକୁ ମିଳୁନାହିଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିପାଇଁ ଜଙ୍ଗଲର ସୁରକ୍ଷା ଉପରେ ସମସ୍ତ ପ୍ରାଥମିକତା ଦେବା ଉଚିତ୍ ବୋଲି କହିଥିଲେ। ଏଥିସହିତ ଜୀବେ ଦୟା ଉପରେ ଅତିଥିମାନେ ଜମ୍ବୁ, ସୁନିତି, ଭାଟେଣୀ ଅଞ୍ଚଳରୁ ଆସିଥିବା ମହିଳା ଓ ବୁଦ୍ଧିଜୀବୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରୋଜେକ୍ଟ ସ୍ୱରାଜର ଯୁଗ୍ମ ସମ୍ପାଦକ ପୁଷ୍ପାଜୀ, ସୁକାନ୍ତିଲତା ମହନ୍ତ, ସ୍ଥାନୀୟ ବରିଷ୍ଠ ଶିକ୍ଷକ ସୁବାସ ଚନ୍ଦ୍ର ମାହାଳି, ରମାକାନ୍ତ ତ୍ରିପାଠୀ, ଫନିଭୂଷଣ ମଣ୍ଡଳ, ଭାରତୀ ସାମନ୍ତ, ଗ୍ରାମର ବରିଷ୍ଠ ମୁରବୀ ପ୍ରମୋଦ ଦାସ, ପ୍ରହ୍ଲାଦ ଦାସ, ଇଂରେଜ ମଣ୍ଡଳ, ପୁରନ୍ଦର ଦାସ, ଯୁଗଳ ମଣ୍ଡଳ, ରୀତା ମଣ୍ଡଳ, ସିପନ୍ ପରିଡ଼ା ଓ ଅଜୟ ସାହୁଙ୍କ ସମେତ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଓ ମହିଳାମାନେ ଉପସ୍ଥିତ ଥିଲେ।

# ରାଜନଗର ବ୍ଲକ୍‌ରେ ୯୯% ପୋଲିଓ ବୁନ୍ଦା ପ୍ରଦାନ

ରାଜନଗର,୩।୩(ଭାସ୍କର ରାଉତରାୟ)

ରାଜନଗର ବ୍ଲକରେ ରବିବାର ୯୯ ପ୍ରତିଶତ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି। କରୋନା ମହାମାରୀ ପରେ ଆଜି ପ୍ରଥମଥର ପାଇଁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି। ରାଜନଗର ବ୍ଲକର ୮୫ଟି ସେଣ୍ଟରରେ ୧୩ ହଜାର ୫୮୨ ଶିଶୁଙ୍କୁ ଏହି ବୁନ୍ଦା ପ୍ରଦାନ କରାଯାଇଛି। ଅର୍ଥାତ୍ ରାଜନଗର ବ୍ଲକରେ ୯୯ ପ୍ରତିଶତ ଶିଶୁ ରବିବାର ପୋଲିଓ ବୁନ୍ଦା ଖାଇଛନ୍ତି। ୮୫ଟି ସେଣ୍ଟର ସହିତ ରାଜନଗର ବସଷ୍ଟାଣ୍ଡ, ଗୁପ୍ତି ଘାଟ ଓ ଖୋଲା ଘାଟ ନିକଟରେ ପର୍ଯ୍ୟଟକ ଓ ପଥଚାରୀମାନଙ୍କ ସହିତ ଆସିଥିବା ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମୀ ରଞ୍ଜନ ମହାନ୍ତିଙ୍କ ସହିତ ସମସ୍ତ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ୮୫ଟି ସେଣ୍ଟରରେ ମହିଳା ସ୍ୱାସ୍ଥ୍ୟକର୍ମୀ ୨୫ଜଣ, ପୁରୁଷ ସ୍ୱାସ୍ଥ୍ୟ କର୍ମୀ ୧୦ଜଣ, ଏଏନଏମ, ଆଶାକର୍ମୀ ଓ ଅଙ୍ଗନୱାଡ଼ି କର୍ମୀମାନେ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇଥିଲେ।


ଜଣେ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଉଛି।

# ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନର ସମ୍ବର୍ଦ୍ଧନା ଉତ୍ସବ

ରାଜନଗର,୩।୩(ଭାସ୍କର ରାଉତରାୟ)

ରାଜନଗର ବିଦ୍ୟାଳୟ କ୍ରୀଡା ସଙ୍ଗଠନର ସମ୍ବର୍ଦ୍ଧନା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଜରିମୂଳସ୍ଥିତ ସାବିତ୍ରୀ ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାଜନଗର ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ଅନିଲ କୁମାର ବଳ, ଓଡିଆ ବିଭାଗର ଅଧ୍ୟାପକ ରତ୍ନାକର ନାୟକ, ରତ୍ନାକର ନାୟକ ମୁଖ୍ୟବକ୍ତା, ବଡପଲ୍ଲୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭୟ କୁମାର ରାଉତ, ବୀଣାପାଣି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଚିନ୍ମୟୀ ସାମନ୍ତରାୟ, ସାବିତ୍ରୀ ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସମୀରଣ ମଣ୍ଡଳ, ରାଜନଗର ବ୍ଲକ ବିଦ୍ୟାଳୟ କ୍ରୀଡା ସଙ୍ଗଠନର ଜୋନାଲ ସମ୍ପାଦକ ସୀତାକାନ୍ତ ରାଉଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ପ୍ରଭାତ କୁମାର ମିଶ୍ର, ରାଧାରମଣ ବଳ, ପଞ୍ଚାନନ ବିଶ୍ୱାଳ, ରଘୁନାଥ ସ୍ୱାଇଁ, ଜନକର ରାଉତ, ବାବାଜୀ ଚରଣ ରାଉତ, ବ୍ରହ୍ମାନନ୍ଦ ରାଉତ, ମାନସ କୁମାର ପରିଡା, ବିଭାସ ରାଉତରାୟ, ଦର୍ପନାରାୟଣ ନାୟକ, ଦର୍ଶନ କୁମାର ଦାସ, ସୁରେନ୍ଦ୍ର କୁମାର ସାହୁ, ସର୍ବେଶ୍ୱର ମହାନ୍ତି, ସ୍ୱର୍ଣ୍ଣଲତା ସାହୁ, ସରୋଜ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ରଞ୍ଜନ କୁମାର ରାଉଳ ଧନ୍ୟବାଦ ଦେଇଥିଲେ।

# ସ୍କୁଟିକୁ ଧକ୍କାଦେଲା ପିକ୍‌ଅପ୍ ଭ୍ୟାନ୍: ୩ ଗୁରୁତର

ଆଳି,୩।୩(ବନମାଳୀ ସେନାପତି)

ରବିବାର ଅପରାହ୍ନରେ କଟକ-ଚାନ୍ଦବାଲି ରାସ୍ତାର ଆଳି ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମ ନିକଟରେ ଏକ ସ୍କୁଟି ପଛପଟକୁ ପିକଅପ୍ ଭ୍ୟାନ ଧକ୍କା ଦେବାରୁ ୩ ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ରବିବାର ଅପରାହ୍ନରେ ସିଙ୍ଗିରି ଗ୍ରାମର ସୁପ୍ରିୟା ରାଉତ ଗର୍ଭବତୀ ଥିବାରୁ ତାଙ୍କର ଅଲଟ୍ରାସାଉଣ୍ଡ ପାଇଁ ତାଙ୍କ ଭାଉଜ ସୁନୀତା ସାହୁ ଓ ତାଙ୍କ ୭ ବର୍ଷର ଝିଅ ସ୍କୁଟିରେ କେନ୍ଦ୍ରାପଡ଼ା ଯାଉଥିଲେ। କଟକ ଚାନ୍ଦବାଲି ରାସ୍ତାର ଭରତପୁର ନିକଟରେ ଆଳି ପଟରୁ ଧାନ ବୋଝେଇ କରି ଆସୁଥିବା ଏକ ପିକ୍‌ଅପ(ନଂ.ଓଡ଼ି ୨୯ ଜି ୭୫୪୧) ତାଙ୍କ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ସ୍କୁଟିରେ ଥିବା ୩ ଜଣ ରାସ୍ତା ଉପରେ ଛିଟିକି ପଡିଥିଲେ। ଲୋକମାନେ ସେଠାରେ ପହଞ୍ଚିବା ପୂର୍ବରୁ ପିକ୍‌ଅପ୍ ଭ୍ୟାନର ଡ୍ରାଇଭର କୁଆଡେ ଫେରାର ହୋଇଯାଇଥିଲା। ଲୋକମାନେ ଆହତମାନଙ୍କୁ ପ୍ରଥମେ ଆଳି ସ୍ୱାସ୍ଥ୍ୟକେନ୍ଦ୍ର ଭର୍ତ୍ତି କରିଥିଲେ। ପରେ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

# ମିଶନ ଶକ୍ତି ଗୃହ ଉଦ୍‌ଘାଟିତ

ଆଳି,୩।୩(ବନମାଳୀ ସେନାପତି)

ଆଳି ବ୍ଲକ ଅନ୍ତର୍ଗତ ମହୁଗ୍ରାମ ପଞ୍ଚାୟତରେ ନୂତନ ମିଶନ ଶକ୍ତି ଗୃହକୁ ରବିବାର ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ଉଦଘାଟନ କରିଛନ୍ତି। ଉଦଘାଟନୀ ଉତ୍ସବରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ମହୁ ପଞ୍ଚାୟତର ସରପଞ୍ଚ ମହେଶ୍ୱର ତ୍ରିପାଠୀ, ସମିତି ସଭ୍ୟା ମମତା ଦାଶ ଉପାଧ୍ୟକ୍ଷା ମିନତୀ ବାରିକ୍, ଆଳି ବିଜୁ ଜନତା ଦଳର ସଭାପତି ସନାତନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଭରତ ଚନ୍ଦ୍ର ଦାସ, ଆଶିଷ କର,ଶ୍ରୀଧର ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଗୁରୁତ୍ୱ ଦେଇ ଆସିଛନ୍ତି ବୋଲି ମନ୍ତ୍ରୀ ଦେବ କହିଥିଲେ।

# ଡେରାବିଶରେ ବିଜେଡି କର୍ମୀ ସମାବେଶ

## ବିଜୁବାବୁଙ୍କ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି

ଡେରାବିଶ,୩।୩(ବେବର୍ତ୍ତା ଅଜୟ ଦାସ)

୨୦୨୪ ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡେରାବିଶ, ଗରଦପୁର ବ୍ଲକରେ ବିଭିନ୍ନ ରାଜନୈତିକ ଦଳର କାର୍ଯ୍ୟକ୍ରମ ନିର୍ବାଚନ ତାତିକୁ ସରଗରମ କରିଛି। ବିଶେଷକରି ପାଟକୁରା ବିଧାୟିକା ଓ ତାଙ୍କ ପ୍ରତିନିଧିଙ୍କ ନିର୍ବାଚନ ମଣ୍ଡଳୀରେ ତୋଫାନି ଗସ୍ତ ସାଙ୍ଗକୁ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମ ଏହି ନିର୍ବାଚନ ପାଇଁ ଦଳୀୟ କର୍ମୀଙ୍କୁ ପ୍ରୋତ୍ସାହିତ କରିଛି। ଡେରାବିଶ ବ୍ଲକ ଅଧୀନ ଚାନ୍ଦୋଳଠାରେ ଶନିବାର ସନ୍ଧ୍ୟାରେ ବ୍ଲକ ବିଜେଡି ପକ୍ଷରୁ ଆହୁତ କର୍ମୀ ସମାବେଶରେ ବିଧାୟିକା ସାବିତ୍ରୀ ଅଗ୍ରୱାଲ ମୁଖ୍ୟଅତିଥିଭାବେ ଯୋଗଦେଇ ୨୦୦୯ରୁ ପୂର୍ବତନ ବିଧାୟକ ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲଙ୍କ ଦ୍ୱାରା ପାଟକୁରାରେ ଆରମ୍ଭ ହୋଇଥିବା ନିର୍ମାଣର ଯୁଗ ଏ ଯାଏ ଜାରି ରହିଥିବା କହିଥିଲେ। ତେବେ ଗତ ୨୦୧୯ ନିର୍ବାଚନ ପରଠାରୁ ଦୀର୍ଘ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପାଟକୁରାରେ ବିକାଶର ଧାରା ଅବ୍ୟାହତ ରହିଥିବା ଓ ବିଶେଷ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ


ଆୟୋଜିତ ବୈଠକରେ ବିଧାୟିକା ସାବିତ୍ରୀ ଅଗ୍ରୱାଲ ଉଦ୍‌ବୋଧନ ଦେଉଛନ୍ତି।

ଏହି ନିର୍ବାଚନ ମଣ୍ଡଳୀ ପ୍ରତିଥିବା ସ୍ୱତନ୍ତ୍ର ଦୃଷ୍ଟି ପାଇଁ ସରକାରୀ ଯୋଜନା ସଫଳ ରୁପାୟନ ହୋଇପାରିଛି ବୋଲି କହିଥିଲେ। ତେବେ ଏହି ଯୋଜନାକୁ ଫଳପ୍ରଦ କରିବା ପାଇଁ ଦଳୀୟ କର୍ମୀମାନଙ୍କ ଚେଷ୍ଟା ଓ ଜନସାଧାରଣଙ୍କ ସହଯୋଗ ଅତ୍ୟନ୍ତ ଉଲ୍ଲେଖନୀୟ ବୋଲି ସେ କହିଥିଲେ। ତେବେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁବାବୁଙ୍କ ଜୟନ୍ତୀ ଉତ୍ସବ ଗରଦପୁର ବ୍ଲକ୍ ଚଁପୁର ପଡ଼ିଆରେ ଅନୁଷ୍ଠିତ ହେବାକୁ ଯାଉଥିବାରୁ ଏହି ସମାରୋହରେ ବିପୁଳ ସଂଖ୍ୟାରେ ଜନସାଧାରଣ କିପରି ଯୋଗଦେବେ ସେ ନେଇ ସାବିତ୍ରୀ ଆଲୋକପାତ କରିଥିଲେ। ସମାବେଶରେ ସମ୍ମାନିତ ଅତିଥିଭାବେ ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ତଥା ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ ଯୋଗଦେଇ ନିଜକୁ ଜଣେ ସେବକ ଭାବେ ପ୍ରତିପାଦିତ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ବାପା ସ୍ୱର୍ଗତ ବେଦୁବାବୁ ଓ ମା' ବିଧାୟିକା ସାବିତ୍ରୀଙ୍କ ପକ୍ଷରୁ ନିର୍ବାଚନ ମଣ୍ଡଳୀବାସୀଙ୍କ ପାଇଁ ଜାରି ରହିଥିବା ବିଭିନ୍ନ ଉନ୍ନୟନ ଯୋଜନାକୁ ସେ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସଂକଳ୍ପବଦ୍ଧ ବୋଲି ଉଲ୍ଲେଖ କରିଥିଲେ। ସେ ଯେଉଁସ୍ତରରେ ଥାଆନ୍ତୁନା କାହିଁକି ପାଟକୁରାର ବିକାଶ ତାଙ୍କର ସଂକଳ୍ପ ବୋଲି ସଞ୍ଜୟ କହିଥିଲେ। ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ ସମାବେଶରେ ଅଧ୍ୟକ୍ଷତା କରି ୫ ତାରିଖ ମଙ୍ଗଳବାର ଚଁପୁରଠାରେ ଅନୁଷ୍ଠିତ ହେବାକୁ ଥିବା ବିଜୁବାବୁଙ୍କ ଜୟନ୍ତୀ ଉତ୍ସବରେ କିପରି ଅଧିକ ସଂଖ୍ୟାରେ ମହିଳା, ଛାତ୍ର, ଯୁବକ, ଜନସାଧାରଣ ଯୋଗଦେବେ ସେ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ମହିଳା ବିଜେଡି ସଭାନେତ୍ରୀ ତୃପ୍ତିମୟୀ କର, ଯୁବନେତା ଜୟନ୍ତ ଶତପଥୀ, ସରପଞ୍ଚ ସୁଧୀର କୁମାର ଖଟୁଆ, ଅକ୍ଷୟ କୁମାର ସାହୁ, ଶଙ୍କର୍ଷଣ ପରିଡ଼ା, ଜ୍ୟୋତ୍ସ୍ନାମୟୀ ବେହେରା, ପୂର୍ବତନ ସରପଞ୍ଚ ଯୋଗାନନ୍ଦ ମହାନ୍ତି, ତ୍ରିଲୋଚନ ରାଉତ, ଦେବରାଜ ମହାପାତ୍ର, ମନିନ୍ଦ୍ର ପ୍ରସାଦ ରଥଙ୍କ ସମେତ ବ୍ଲକ ଅଧୀନ ୨୬ ପଞ୍ଚାୟତର ଶତାଧିକ ଦଳୀୟ କର୍ମୀ ଏହି ସଭାରେ ଯୋଗ ଦେଇଥିଲେ। ଯୁବନେତା ପ୍ରଶାନ୍ତ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### କମ୍ ଦାମ୍‌ରେ ଡିଜେଲ ଦେବାକୁ କହି ୪୮ ହଜାର ଠକେଇ

ହିଞ୍ଜିଳିକାଟୁ, ୩।୩(ଦ୍ୱିତୀକୃଷ୍ଣ ପଣ୍ଡା)

ଜଣେ ବ୍ୟକ୍ତିଙ୍କୁ ମାର୍କେଟ ଦରଠାରୁ ଲିଟର ପିଛା ୫ ଟଙ୍କା କମ୍‌ରେ ଡିଜେଲ ଦେବାକୁ ପ୍ରଲୋଭନ ଦେଖାଇ ୪୮ ହଜାର ଟଙ୍କା ଠକେଇ ହୋଇଥିବା ନେଇ ହିଞ୍ଜିଳି ଥାନାରେ ଅଭିଯୋଗ ହୋଇଛି। ଠକେଇର ଶିକାର ହୋଇଛନ୍ତି ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଭାଟକୁମୁଡ଼ା ଗ୍ରାମର ପୂର୍ଣ୍ଣଚନ୍ଦ୍ର ସାହୁ। ଗତମାସ ୨୬ରେ ଏକ ଅଜଣା ମୋବାଇଲ ନମ୍ବରରୁ ପୂର୍ଣ୍ଣଚନ୍ଦ୍ରଙ୍କୁ ଫୋନ୍ କଲ୍ ଆସିଥିଲା। ସମ୍ପୃକ୍ତ ବ୍ୟକ୍ତି ଜଣକ ନିଜକୁ ଜୟ ପ୍ରକାଶ ସିଂ ବୋଲି ପରିଚୟ ଦେଇଥିଲେ। ହିଞ୍ଜିଳିକାଟୁ ନିକଟସ୍ଥ ସାରୁ ଛକରେ ଥିବା ଏକ ପେଟ୍ରୋଲ ପମ୍ପରୁ ମାର୍କେଟ ଦରଠାରୁ ଲିଟର ପିଛା ୫ ଟଙ୍କା କମ୍‌ରେ ୧ ହଜାର ଲିଟର ଡିଜେଲ ଦେବାକୁ ପୂର୍ଣ୍ଣଚନ୍ଦ୍ରଙ୍କୁ ଉକ୍ତ ବ୍ୟକ୍ତି ଜଣଙ୍କ ପ୍ରତିଶ୍ରୁତି ଦେଇଥିଲେ। ସେହି ପ୍ରଲୋଭନରେ ପୂର୍ଣ୍ଣଚନ୍ଦ୍ର ଉକ୍ତ ଦିନ ମଧ୍ୟାହ୍ନରେ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଖାଲି ଜାର୍କିନ ନେଇ ସାରୁ ଛକରେ ଥିବା ପେଟ୍ରୋଲ ଟାଙ୍କିରେ ପହଞ୍ଚିଥିଲେ। ସେଠାରେ ଉକ୍ତ ଅଜଣା ବ୍ୟକ୍ତିଙ୍କୁ ଫୋନ୍ କରି ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚିଥିବା ଜଣାଇଲେ। ପରେ ଉକ୍ତ ପେଟ୍ରୋଲ ଟାଙ୍କି ମ୍ୟାନେଜର ପୂର୍ଣ୍ଣଚନ୍ଦ୍ରଙ୍କ ଭ୍ୟାନ୍‌କୁ ପେଟ୍ରୋଲ ପ୍ରଦାନ କରାଯାଉଥିବା ସ୍ଥାନରେ ପାର୍କିଂ କରିବାକୁ କହିଥିଲେ। ପିକ୍‌ଅପ୍ ଭ୍ୟାନ୍‌ରେ ଥିବା ଖାଲି ଜାର୍କିନଗୁଡ଼ିକରେ ୫୫୦ ଲିଟର ଡିଜେଲ ଭର୍ତ୍ତି କରିଥିଲେ। ଉକ୍ତ ସ୍ଥାନ ଛାଡ଼ିବା ପୂର୍ବରୁ ପୂର୍ଣ୍ଣଚନ୍ଦ୍ର ପୂର୍ବରୁ ହୋଇଥିବା କଥାବାର୍ତ୍ତା ପ୍ରକାରେ ଉକ୍ତ ଅଜଣା ବ୍ୟକ୍ତିଙ୍କୁ ଫୋନ କରିଥିଲେ ଏବଂ ସେ କହିବା ପ୍ରକାରେ ୪୮ ହଜାର ଟଙ୍କା ଗୁଗଲ ପେ' ଦ୍ୱାରା ପ୍ରଦାନ କରିଥିଲେ। କିନ୍ତୁ ଉକ୍ତ ସ୍ଥାନ ଛାଡ଼ିବା ପୂର୍ବରୁ ପୋଟ୍ରୋଲ ଟାଙ୍କି ମ୍ୟାନେଜର ଡିଜେଲ ମୂଲ୍ୟ ପ୍ରଦାନ କରିବାକୁ କହିଥିଲେ। ପୂର୍ବରୁ ହୋଇଥିବା କଥାବାର୍ତ୍ତା ଆଦି ସମ୍ବନ୍ଧରେ ପୂର୍ଣ୍ଣଚନ୍ଦ୍ର ମ୍ୟାନେଜରଙ୍କୁ କହିଥିଲେ। ତେବେ ସେ ସେମିତି କୌଣସି ବ୍ୟକ୍ତିଙ୍କୁ ଜାଣନ୍ତିନାହିଁ କିମ୍ବା ତାଙ୍କ ସହ ଡିଜେଲ ମୂଲ୍ୟ ଦେଣନେଣ ହୋଇନାହିଁ ବୋଲି ମ୍ୟାନେଜର ଜଣାଇଥିଲେ। ସେଠାରେ ପୂର୍ଣ୍ଣଚନ୍ଦ୍ର ଉକ୍ତ ଅଜଣା ବ୍ୟକ୍ତିଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବା ପାଇଁ ପୁଣି ଚେଷ୍ଟା କରିଥିଲେ। କିନ୍ତୁ ଉକ୍ତ ମୋବାଇଲ ନମ୍ବର ସୁଇଚ୍ ଅଫ୍ ଥିଲା। ଫଳରେ ପୂର୍ଣ୍ଣଚନ୍ଦ୍ର ଠକାମିର ଶିକାର ହୋଇଛନ୍ତି ବୋଲି ଜାଣିଥିଲେ। ପରେ ସେ ଡିଜେଲ ମୂଲ୍ୟ ୫୨ହଜାର ୮ ଶହ ଟଙ୍କା ମ୍ୟାନେଜରଙ୍କୁ ପ୍ରଦାନ କରିଥିଲେ। ଏ ନେଇ ପୂର୍ଣ୍ଣଚନ୍ଦ୍ର ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୧୯୦/୨୪ରେ ଠକେଇ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

### ମିନିଟ୍ରକ୍ ଓଲଟି ୯ ଆହତ

ଭଞ୍ଜନଗର,୩।୩(ବାବୁଲା ପ୍ରଧାନ)

ଭଞ୍ଜନଗର ବାହାଡ଼ାପଦର ରାସ୍ତାରେ ରବିବାର ଏକ ମିନିଟ୍ରକ ଗାଡ଼ି ଓଲଟି ପଡ଼ିବାରୁ ୨ଜଣ ଶିଶୁଙ୍କ ସମେତ ୯ଜଣରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେମାନଙ୍କୁ ଭଞ୍ଜନଗର ମେଡ଼ିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେଠାରେ ୨ଜଣଙ୍କ ଅବସ୍ଥା ଗୁରୁତର ଥିବା ଯୋଗୁ ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ନିଆଯାଇଛି। ଭଞ୍ଜନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ବଡ଼ପଥରା ଗ୍ରାମର କିଛି ଲୋକ ଲଣ୍ଡେଇସାହିକୁ ଭୋଜି ଖାଇବାକୁ ଆସୁଥିଲେ। ବାଟରେ ବାହାଡ଼ାପଦର ନିକଟରେ ଚାଳକ କୌଣସି କାରଣରୁ ଭାରସାମ୍ୟ ହରାଇବାରୁ ରାସ୍ତା ଉପରେ ଗାଡ଼ିଟି ଓଲଟି ପଡ଼ିଥିଲା। ଆହତମାନେ ହେଲେ ରଘୁନାଥ ବିଷୋୟୀ, ରାମନାଥ ବିଷୋୟୀ, ସୁରେନ୍ଦ୍ର ବିଷୋୟୀ, ରାଜା ସ୍ୱାଇଁ, ହରିହର ସ୍ୱାଇଁ, ତପନ କୁମାର ଗୌଡ଼, ରାଜ କୁମାର ବିଷୋୟୀ, ସୋମ ସ୍ୱାଇଁ (୧୧), ରୁଦ୍ର ବିଷୋୟୀ (୭)।

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ବୁଗୁଡ଼ା,୩।୩(କାଳିଚରଣ ଦାଶ)

ବୁଗୁଡ଼ା ଥାନା ଅନ୍ତର୍ଗତ ଡାକରାବାଡ଼ି ଗାଁ ରାସ୍ତାରେ ରବିବାର ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଆରୋହୀ ଆହତ ହୋଇଛନ୍ତି। ମୃତକ ହେଲେ ବୁଗୁଡ଼ା ଏନ୍‌ଏସି ଗୋଲାମୁଣ୍ଡୁଳା ଗ୍ରାମର ଭୀମସେନ ସ୍ୱାଇଁ ଏବଂ ଆହତ ଜଣକ ଡାକରାବାଡ଼ି ଗ୍ରାମର ଫକୀର ବିଷୋୟୀ। ଭୀମସେନ ଓ ତାଙ୍କର ସଢୁ ଫକୀର ଗୋଟିଏ ବାଇକ୍‌ରେ ଡାକରାବାଡ଼ି ଗାଁରୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟ ସହ ଧକ୍କା ହୋଇଥିଲା। ଫଳରେ ଉଭୟ ଆହତ ହୋଇଥବାରୁ ବୁଗୁଡ଼ା ମେଡିକାଲ ଅଣାଯାଇଥିଲା। ସେଠାରେ ଭୀମସେନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ଜାତୀୟ ପରିବାର ସହାୟତା ଯୋଜନା ଫେଲ୍

## ଅପେକ୍ଷାରେ ଗଞ୍ଜାମର ୧୪୦୮ ପରିବାର

ଛତ୍ରପୁର,୩।୩(ସନ୍ତୋଷ ପାଢୀ)

ଗଞ୍ଜାମ ଜିଲାରେ ଜାତୀୟ ପରିବାର ସହାୟତା ଯୋଜନା ଏକପ୍ରକାର ଫେଲ ହୋଇଥିବା ଜଣାପଡିଛି । କୌଣସି ଗରିବ ଓ ଅସହାୟ ପରିବାରର ମୁଖ୍ୟଙ୍କ ମୃତ୍ୟୁ ପରେ ତାଙ୍କ ଅସହାୟ ପରିବାରଙ୍କୁ ଜାତୀୟ ପରିବାର ସହାୟତା ଯୋଜନାରେ ସାମିଲ କରି ସହାୟତା ଅର୍ଥ ପ୍ରଦାନ କରାଯାଇଥାଏ। ମାତ୍ର ଗଞ୍ଜାମ ଜିଲାରେ ବିଭିନ୍ନସ୍ତରରେ ଆବେଦନ ପତ୍ର ପେଣ୍ଡିଂ ରହିଛି। ଫଳରେ ଉକ୍ତ ଅସହାୟ ଓ ଗରିବ ପରିବାରଙ୍କୁ ଏହି ଯୋଜାନାରେ ସାମିଲ କରି ସହାୟତା ମିଳିବାରେ ଅହେତୁକ ବିଳମ୍ବ ହେଉଛି। ଏପରିକି ଦୁଇ ବର୍ଷ ହେଲା ଏହି ଆବେଦନପତ୍ର ପେଣ୍ଡିଂ ରହିଥିବା ଜଣାପଡିଛି। ଏନେଇ ରାଜ୍ୟ ସାମାଜିକ ସୁରକ୍ଷା ବିଭାଗର ପ୍ରିନ୍ସପାଲ ସେକ୍ରେଟାରୀ ବିଷ୍ଣୁପଦ ସେଠୀଙ୍କ ଠାରୁ ଗଞ୍ଜାମ ଜିଲାପାଳଙ୍କୁ ଏକ ଚିଠି ଆସିଛି। ଏହାର ସମୀକ୍ଷା କରି କିଭଳି ଜାତୀୟ ପରିବାର ସହାୟତା ଯୋଜନାରେ ପେଣ୍ଡିଂ ଥିବା ପରିବାରଙ୍କୁ ସାମିଲ କରି ସହାୟତା ବଣ୍ଟନ ପାଇଁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଯୋଜନାରେ ଗରିବ ପରିବାରର ମୁଖ୍ୟଙ୍କ ମୃତ୍ୟୁ ପରେ ତାଙ୍କ ପରିବାରଙ୍କୁ ୨୦ ହଜାର ଟଙ୍କା ଲେଖାଏଁ ଡିବିଟି ମାଧ୍ୟମରେ ସହାୟତା ରାଶି ପ୍ରଦାନ କରାଯାଇଥାଏ। ଓଆରଟିପିଏସ ଆକ୍ଟ ୨୦୧୨ ଅନୁସାରେ ଗରିବ ପରିବାରର ମୁଖ୍ୟଙ୍କ ମୃତ୍ୟୁର ୩୦ ଦିନ ପରେ ଏହି ସହାୟତା ରାଶି ତାଙ୍କ ପରିବାରଙ୍କୁ ପ୍ରଦାନ କରିବା ବାଧ୍ୟତାମୂଳକ ରହିଛି। ମାତ୍ର ଗଞ୍ଜାମ ଜିଲାରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଜିଲାରେ ୧୪୦୮ ପରିବାର ଏହି ଯୋଜନାରେ ସାମିଲ ପାଇଁ ଅପେକ୍ଷାରେ ଥିବା ଉକ୍ତ ପତ୍ରରୁ ଜଣାଯାଇଛି। ରାଜ୍ୟରେ ଏହା ସର୍ବାଧିକ ବୋଲି ଉକ୍ତ ଚିଠିରୁ ଜଣାପଡିଛି । ରାଜ୍ୟ ସରକାର ୨୦୨୩ରେ ଗଞ୍ଜାମ ପାଇଁ ଏହି ଯୋଜନାରେ ସାମିଲ ପାଇଁ ମେ ମାସରେ ୫୪୪, ଅକ୍ଟୋବରରେ ୨୪୦ ଓ ଚଳିତ ବର୍ଷ ଫେବୃଆରୀରେ ୪୧୫ ଏପରି ୧୧୯୯ଟି ମଂଜୁର କରିଥିଲେ। ଏପରିକି ଗତ ୨୦୨୨-୨୩ ର ମଧ ଜିଲାରେ ଆବେଦନପତ୍ର ପେଣ୍ଡିଂ ରହିଛି। ମିଳିଥିବା ସୂଚନା ଅନୁସାରେ ଜିଲାରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀମାନଙ୍କ ନିକଟରେ ୧୦୭୮ ଟି ଆବେଦନ ପତ୍ର ପେଣ୍ଡିଂ ରହିଥିବାବେଳେ ଏମଇଓ ମାନଙ୍କ ନିକଟରେ ୪୩ଟି, ବିଡିଓ ମାନଙ୍କ ନିକଟରେ ୨୦୪ଟି ତହସିଲଦାରମାନଙ୍କ ନିକଟରେ ୪୭ଟି, ମ୍ୟୁନିସପାଲ କର୍ପୋରେସନ ନିକଟରେ ୩୫ଟି ଏବଂ ଉପଜିଲାପାଳଙ୍କ ନିକଟରେ ଗୋଟିଏ ଆବେଦନପତ୍ର ପେଣ୍ଡିଂ ରହିଛି।

# ପିପୁଲ୍ସ କଲେଜ ପ୍ରାଣୀ ବିଜ୍ଞାନ ବିଭାଗର ୪ର୍ଥ ଆଲୁମ୍‌ନି ମିଟ୍



ଉପସ୍ଥିତ ଅଧ୍ୟାପକ ଓ ଛାତ୍ରୀଛାତ୍ର।

ବୁଗୁଡ଼ା,୩।୩(କାଳିଚରଣ ଦାଶ)

ସ୍ଥାନୀୟ ପିପୁଲ୍ସ କଲେଜ ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ସ୍ୱପରିସରରେ ୪ର୍ଥ ଆଲୁମିନି ମିଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ରଜନୀ କାନ୍ତ ଭଞ୍ଜ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ରଜନୀ କାନ୍ତ ଦାଶ, ଅଧ୍ୟାପକ ହିମାଂଶୁ ଶେଖର ରଥ ଓ ଅକ୍ଷୟ କୁମାର ସାହୁ, ଗବେଷକ ସୀମାଞ୍ଚଳ ଦୋରା, କ୍ରୀଡ଼ା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ର ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭାଗୀୟ ସେମିନାର ସେକ୍ରେଟାରୀ ତଥା ଅଲରାଉଣ୍ଡ ପରଫର୍ମାନ୍ସ ଆୱାର୍ଡ ୱିନର ଛାତ୍ରୀ ତନୁଶ୍ରୀ ପ୍ରଧାନ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ଉପସ୍ଥିତ ପ୍ରାକ୍ତନ ଛାତ୍ରୀଛାତ୍ର ନିଜ ନିଜର ସ୍ମୃତି ଓ ଅନୁଭୂତିକୁ ବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରାକ୍ତନ ଛାତ୍ରୀ ଶିବାନୀ ସେଠୀଙ୍କୁ ଗଣେଶ୍ୱର ମେମୋରିଆଲ୍ ପ୍ରାଇଜ୍, ଛାତ୍ରୀ ବର୍ଷା ବିଶ୍ୱାଳ ଓ ରକିତା ସାହୁଙ୍କୁ ପୁଷ୍ପଲତା ମେମୋରିଆଲ ପ୍ରାଇଜ୍, ଛାତ୍ରୀ ମମତା ସ୍ୱାଇଁ ଓ ସ୍ମିତାରାଣୀ ନାୟକଙ୍କୁ ସେମିନାର ଚାମ୍ପିୟନ୍ ପ୍ରାଇଜ୍, ଛାତ୍ର ଆଶୁତୋଷ ପ୍ରଧାନ ଓ ଛାତ୍ରୀ ଶୁଭସ୍ମିତା ନାୟକଙ୍କୁ ବେଷ୍ଟ ଷ୍ଟୁଡେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ପ୍ରତୀକ୍ଷା ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ଏବଂ ପରିଶେଷରେ ଛାତ୍ରୀ ସ୍ମୃତି ସଞ୍ଚରିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ମଧୁସ୍ମିତା ପ୍ରଧାନ, ଡେମୋନଷ୍ଟ୍ରେଟର୍ ରାମକୃଷ୍ଣ ନାୟକ ଓ ସହାୟକ ଯତନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# କଇଁଛଙ୍କ ସୁରକ୍ଷା ପାଇଁ ବେଳାଭୂମି ସଫେଇ




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ଗଞ୍ଜାମ,୩।୩(ବିଦ୍ୟାଧର ସାହୁ)

## ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ

ଆଉ ମାତ୍ର କିଛିଦିନ ପରେ ବିରଳ ସାମୁଦ୍ରିକ କଇଁଛ ଗଣଅଣ୍ଡାଦାନ କରିବେ। ଏଥିପାଇଁ ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ନିମନ୍ତେ ପ୍ରସିଦ୍ଧ ଥିବା ଗଞ୍ଜାମ ଜିଲା ବଟେଶ୍ୱର ବେଳାଭୂମିଠାରେ ସ୍ନେକ୍ ହେଲ୍ପ ଲାଇନ, ବ୍ରହ୍ମପୁର ସବୁଜ ବାହିନୀ, ଆଞ୍ଚଳିକ ବିକାଶ ପରିଷଦ ଓ ଇକୋ ୱାରିୟର ଗଞ୍ଜାମର ମିଳିତ ସହଯୋଗରେ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ ହୋଇଯାଇଛି। ପରିବେଶବିତ୍‌ମାନେ ସାମୂହିକ ଭାବେ ଅଲିଭ ରିଡ୍‌ଲେଙ୍କ ଗଣଅଣ୍ଡାଦାନ ସ୍ଥାନକୁ ସଫେଇ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ବନଖଣ୍ଡ ଏସିଏଫ୍ ପ୍ରଭାକର ନାୟକ, ଖଲ୍ଲିକୋଟ ରେଞ୍ଜର ଦିବ୍ୟରଞ୍ଜନ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ବିଷୟରେ ଆଲୋଚନା କରିଥିଲେ। ପ୍ରତିବର୍ଷ ମାର୍ଚ୍ଚ ୩କୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରାଯାଇଥାଏ। ଏହି ଦିନ ବିଶ୍ୱର ସମସ୍ତ ବନ୍ୟପ୍ରାଣୀ ଓ ଉଦ୍ଭିଦ ଜଗତ ସମ୍ବନ୍ଧରେ ସଚେତନତା ସୃଷ୍ଟି କରାଯାଇଥାଏ। ୨୦୧୩ ଡିସେମ୍ବର ୨୦ରେ ମିଳିତ ଜାତିସଂଘର ସାଧାରଣ ସଭା (ୟୁଏନ୍‌ଜିଏ)ର ନିଷ୍ପତ୍ତି ଅନୁସାରେ ମାର୍ଚ୍ଚ ୩କୁ ବନ୍ୟପ୍ରାଣୀ ଦିବସର ମାନ୍ୟତା ମିଳିଛି। ସେବେଠାରୁ ଆଜିଯାଏ ମାର୍ଚ୍ଚ ୩କୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରାଯାଉଛି। ଏହି ସାମୂହିକ ସଫେଇ କାର୍ଯ୍ୟକ୍ରମରେ ସ୍ନେକ୍ ହେଲ୍ପ ଲାଇନର ଦକ୍ଷିଣ ଓଡ଼ିଶା ସଂଯୋଜକ ସ୍ୱାଧୀନ କୁମାର ସାହୁ, ଆଞ୍ଚଳିକ ବିକାଶ ପରିଷଦ ସଭାପତି ସାଗର କୁମାର ପାତ୍ର, ସମ୍ପାଦକ ବିଜେନ୍ଦ୍ର ମାଝି, ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ, ସମ୍ପାଦକ ଏ. ପ୍ରକାଶ ଓ ଇକୋ ୱାରିୟର ଗଞ୍ଜାମର ମୁଖ୍ୟ ଦୁର୍ଯ୍ୟୋଧନ ରେଡ୍ଡୀ, ଅଖିଳ ତରାଇ, ଗୁରୁନାଥ ରେଡ୍ଡୀ, ସଙ୍ଗଠନର କର୍ମକର୍ତ୍ତା ଏବଂ ବନ କର୍ମଚାରୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ଆସିକା,୩।୩ (ସୁରେନ୍ଦ୍ରନାଥ ସାହୁ)

ଆସିକା ବ୍ଲକ ଖାରିଆ ପଞ୍ଚାୟତ ଅନ୍ତର୍ଗତ ଢୁଙ୍କୁଣି ଓ ହରିଡାପଦର ପଞ୍ଚାୟତର ମଣ୍ଡାପଡା ଗ୍ରାମରେ ରବିବାର ବିଧାୟିକା ମଞ୍ଜୁଳା ସ୍ୱାଇଁ ବିଭିନ୍ନ ପ୍ରକଳ୍ପ ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି। ଢୁଙ୍କୁଣି ଗ୍ରାମରେ ଷୋହଳ ଖଣ୍ଡ ଗୋପାଳ ସମାଜ ପକ୍ଷରୁ ନିର୍ମିତ କୋଠଘର ଉଦଘାଟିତ ହୋଇଥିବା ବେଳେ ୩୩ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଶିଳାନ୍ୟାସ କରାଯାଇଛି। ସେହିପରି ମଣ୍ଡାପଡାରେ ବିଧାୟିକାଙ୍କ ହାତପାଣ୍ଠିରୁ ୧୬ଲକ୍ଷ ଟଙ୍କା ବ୍ୟୟବରାଦରେ ନିର୍ମିତ ଚୈତନ୍ୟ ଠାକୁର କମ୍ୟୁନିଟି ହଲକୁ ବିଧାୟିକା ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷା ରେସମା ଦୋରା, ଦିଲୀପ ପାଣିଗ୍ରାହୀ, ରାଜେଶ ପଟ୍ଟନାୟକ, ମନୋଜ ଦୋରା, ଅଭିମନ୍ୟୁ ନାହାକଙ୍କ ସମେତ ବହୁ ପଞ୍ଚାୟତ ଜନ ପ୍ରତିନିଧି ସାମିଲ ଥିଲେ ।

## ତାଲା ବନ୍ଦ ଘରୁ ଚୋରି

ବ୍ରହ୍ମପୁର,୩।୩(ସୁବାସ ଚନ୍ଦ୍ର ପାଢ଼ୀ)

ସଦର ଥାନା ଗୌତମନଗର ୧୮ନଂ ଗଳିରେ ରହୁଥିବା ଶାନ୍ତି ନାୟକଙ୍କ ଘରୁ ଚୋରି ହୋଇଛି। ଏ ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଗତ ୧ ତାରିଖ ରାତିରେ ଶାନ୍ତି ବାପଘରକୁ ଯାଇଥିଲେ। ସେହି ରାତିରେ କେହି ଦୁର୍ବୃତ୍ତ ତାଲାକାଟି ଘରେ ପଶି କଳାକନା ବୁଲାଇଛନ୍ତି। ପିତଳ ବାସନକୁସନ, ସମସ୍ତ ପାଇପ ଟ୍ୟାପ, ଆଲମାରୀରୁ ବହୁ ଜରୁରୀ କାଗଜପତ୍ର, ସାହାରା ଇଣ୍ଡିଆର ୧୧ଟି ବଣ୍ଡ ଚୋରି ଏତଲାରେ ଦର୍ଶାଯାଇଛି। ନଂ.୬୩/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

# ଗଞ୍ଜେଇ ଚାଲାଣ ପ୍ରସ୍ତୁତି ବେଳେ ମାଡ଼ି ବସିଲା ପୋଲିସ

ବାଲିଗୁଡ଼ା,୩।୩(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡା ଥାନା ପକ୍ଷରୁ ଗଞ୍ଜେଇ କଟା ଅଭିଯାନ ଜାରି ରହିଥିବା ବେଳେ ଗଞ୍ଜେଇ ମାଫିଆମାନେ ବେଧଡକ ଭାବରେ ଗଞ୍ଜେଇ ଚାଲାଣ କରିଚାଲିଛନ୍ତି। ତେବେ ବାଲିଗୁଡା ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ୧୯୩ କିଲୋ ଗଞ୍ଜେଇ ଧରିବାରେ ସଫଳ ହୋଇଛି। କିନ୍ତୁ ଘଟଣା ସ୍ଥଳରୁ ଗଞ୍ଜେଇ ଛାଡି ମାଫିଆମାନେ ଫେରାର ହୋଇଯାଇଛନ୍ତି। ବାଲିଗୁଡା ଥାନାଧିକାରୀ ସୁଶାନ୍ତ କୁମାର ସାହୁଙ୍କ ନିର୍ଦ୍ଦେଶରେ ଏସଆଇ ସଞ୍ଜୟ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ ବାଲିଗୁଡା ଥାନା ଅଧିନସ୍ତ ନିଳିପଡ଼ା ଜଙ୍ଗଲରେ ଚଢ଼ାଉ କରିଥିଲେ। ପୋଲିସକୁ ଦେଖି ମାଫିଆମାନେ ଗଞ୍ଜେଇକୁ ଛାଡି ଫେରାର ହୋଇଯାଇଥିଲେ। ଏ ନେଇ ବାଲିଗୁଡା ଥାନାରେ କେଶ ନଂ.୫୧/୨୦୨୪ରେ ଏକ ମାମଲା ରୁଜୁ କରି ଜବତ ଗଞ୍ଜେଇକୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସାହୁ ସୂଚନା ଦେଇଛନ୍ତି।

# ନ୍ୟାୟ ପାଇଁ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର

## ଉତ୍ତରପ୍ରଦେଶର ୧୦ମ ଶ୍ରେଣୀ ଛାତ୍ର ପୋଲିସ ଗୁଳିରେ ନିହତ



ସ୍ମାରକପତ୍ର ଦେଇ ଫେରୁଛନ୍ତି।

ଛତ୍ରପୁର, ୩।୩ (ସନ୍ତୋଷ ପାଢ଼ୀ)

ଉତ୍ତର ପ୍ରଦେଶର ଜଣେ ଦଳିତବର୍ଗର ନାବାଳକ ତଥା ୧୦ମ ଶ୍ରେଣୀ ଛାତ୍ର ସୁମେଶଙ୍କୁ ପୋଲିସ ଗୁଳିକରି ହତ୍ୟା କରିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ଏହି ରାଜ୍ୟରେ ପୋଲିସର ଅରାଜକତା ଶାସନ ଚାଲିଛି ଓ ପୋଲିସ ଜୁଲମ ବଢ଼ିଚାଲିଛି। ବାସ୍ତବିକ ପୋଲିସର ଅମାନୁଷିକତା, ବର୍ବରତା ସ୍ପଷ୍ଟ କରୁଛି । ଏହାର ପ୍ରତିବାଦରେ ଗଞ୍ଜାମ ଜିଲା କଂଗ୍ରେସ ପାର୍ଟି ଅନୁସୂଚୀତ ଜାତି ସେଲ ଅଧ୍ୟକ୍ଷ ଭାଗିରଥୀ ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗଞ୍ଜାମ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଘଟଣାର କେନ୍ଦ୍ରୀୟ କ୍ରାଇମ ବ୍ରାଞ୍ଚ ଓ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ କଂଗ୍ରେସ ତରଫରୁ ଦାବି ହୋଇଛି।

# ଭାଜପାରେ ମିଶିଲେ ବିପିନ ପ୍ରଧାନ, ଯମୁନା ନାୟକ

ଦିଗପହଣ୍ଡି,୩।୩(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ ରବିବାର ଭୁବନେଶ୍ୱର ସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ଯୋଗଦେଇଛନ୍ତି। ବିପିନଙ୍କ ସମେତ ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷା ଯମୁନା ନାୟକ, ପୂର୍ବତନ ସରପଞ୍ଚ କେ. ହରିବନ୍ଧୁ ରେଡ୍ଡୀ, ପୂର୍ବତନ ବ୍ଲକ ବିଜେଡି ସଭାପତି ଉଦୟନାଥ ସ୍ୱାଇଁ, ପୂର୍ବତନ ନଗର ବିଜେଡି ସଭାପତି ପ୍ରମୋଦ କୁମାର ପାଣିଗ୍ରାହୀ ଭାଜପାରେ ଯୋଗଦାନ କରିଛନ୍ତି। ଏପରିକି ଦିଗପହଣ୍ଡି ବ୍ଲକର ବହୁ ପୂର୍ବତନ ସରପଞ୍ଚ ଓ ସମିତିସଭ୍ୟ, ବର୍ତ୍ତମାନର ସରପଞ୍ଚ ଓ ୧୪ ସମିତିସଭ୍ୟଙ୍କ ସହ ଶତାଧିକ ବିଜେଡି କାର୍ଯ୍ୟକର୍ତ୍ତା ଦଳ ତ୍ୟାଗକରି ବିପିନଙ୍କ ସମର୍ଥନରେ ଭାଜପାରେ ଆନୁଷ୍ଠାନିକ ଭାବେ ଯୋଗଦେବା ପରେ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିପିନ ବିଜୁ ଜନତା ଦଳର ଜଣେ ଦୃଢ଼ ସଂଗଠକ ଭାବରେ ଦିଗପହଣ୍ଡି ରାଜନୀତିରେ ୩୦ ବର୍ଷ ଧରି ପରିଚିତ ଥିଲେ। ଏପରିକି ପ୍ରାକ୍ତନ ବିଧାୟକ ସ୍ୱର୍ଗତ ଡ଼. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦୀର୍ଘ ବର୍ଷ ଧରି ବ୍ଲକ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ପଦବୀରେ ରହି ଅଞ୍ଚଳବାସୀଙ୍କ ପ୍ରିୟଭାଜନ ହୋଇଥିଲେ। ତେବେ ଗତ ପଞ୍ଚାୟତ ନିର୍ବାଚନ ପରଠାରୁ ବିପିନ ଓ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ସ୍ୱର୍ଗତ ସୂର୍ଯ୍ୟନାରାୟଣ ପାତ୍ରଙ୍କ ପୁତ୍ର ବିପ୍ଳବ ପାତ୍ରଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଥିଲା। ଗତ ବ୍ଲକ ଅଧ୍ୟକ୍ଷା ନିର୍ବାଚନ ବାତିଲ ପରେ ବିପିନଙ୍କୁ ଦଳ ବିରୋଧୀ କାର୍ଯ୍ୟ ଦର୍ଶାଇ ବିଜେଡିରୁ ବହିଷ୍କୃତ କରାଯାଇଥିଲା।

# ଖେମୁଣ୍ଡି ଓକିଲ ସଂଘ ପକ୍ଷରୁ ଆଲୋଚନାଚକ୍ର

ଦିଗପହଣ୍ଡି,୩।୩(ଅଶେଷ ନାଥ ମିଶ୍ର)




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିବୃନ୍ଦ।

ଦିଗପହଣ୍ଡିସ୍ଥିତ ଖେମୁଣ୍ଡି ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ରବିବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ସମ୍ପାଦକ କୁରେଶୁ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଓକିଲ ସଂଘ ସଭାପତି ଲକ୍ଷ୍ମୀନାରାୟଣ ପାଢ଼ୀ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଓକିଲ ସଂଘର ବରିଷ୍ଠ ଆଇନଜୀବୀ ଉମା ସାବତ ଯୋଗଦେଇଥିଲେ। ଆସିକା ଓକିଲ ସଂଘର ବରିଷ୍ଠ ଆଇନଜୀବୀ ସୁଧାଂଶୁ ପଣ୍ଡା ମୁଖ୍ୟବକ୍ତା ଏବଂ ଅନ୍ୟତମ ଅତିଥିଭାବେ ନୋଟାରି ହୃଦୟ ରଞ୍ଜନ ମେକାପ ଯୋଗଦେଇଥିଲେ। ଲ' ଅଫ୍ ଇଞ୍ଜକ୍ସନ ଏବଂ ଇଣ୍ଟରଲୋକ୍ଟରି ଅର୍ଡର ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଆଇନଜୀବୀ ତଥା ନୋଟାରି ରଞ୍ଜନ କୁମାର ବେହେରା, ମନୋଜ କୁମାର ପଣ୍ଡା, ସୂର୍ଯ୍ୟାଂଶୁ ଶେଖର ରଥ, ଅଶେଷ ନାଥ ମିଶ୍ର, କିଶୋର ଗୌଡ଼, ପି. ଶିବ ଶଙ୍କର, ବିଜୟ କୁମାର ପ୍ରଧାନ, ମନୋରଞ୍ଜନ ପଣ୍ଡା, ପ୍ରଦୀପ କୁମାର ମହାପାତ୍ର, ପ୍ରଦୀପ କୁମାର ନାୟକ, ସୀମାଞ୍ଚଳ ପ୍ରଧାନ, ଗିରିଜା ନନ୍ଦନ ମେକାପ, ପ୍ରଶାନ୍ତ ବରାଡ଼ ପ୍ରମୁଖ ଆଇନଜୀବୀ ଯୋଗଦେଇଥିଲେ। ଶେଷରେ ବରିଷ୍ଠ ଆଇନଜୀବୀ ସୂର୍ଯ୍ୟନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁ ମନ୍ଦିର ବାର୍ଷିକ ଉତ୍ସବ



କୃତୀ ଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଧରାକୋଟ,୩।୩(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ନିକଟ ବରଡାବିଲିସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ପାଳନ କରାଯାଇଛି। ଏଥିରେ ଅତିଥି ଭାବେ ଏବିଇଓ ଉମା ଚରଣ ପାଣିଗ୍ରାହୀ,ବିଦ୍ୟାଳୟ ସଭାପତି ସୁଧାଂଶୁ ଶେଖର ପାତ୍ର, ସମ୍ପାଦକ ନବଘନ ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସଂସ୍କାରୀ, ଚରିତ୍ରବାନ, କର୍ତ୍ତବ୍ୟ ପରାୟଣ ହେବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟା ସୁଶ୍ରୀ ପ୍ରଣତି ନାୟକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ଖେଳ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରତିଯୋଗିତାରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଢୋଲପିଟାରେ ୧୦ କୋଟି ବ୍ୟୟରେ ହାଇଲେଭଲ ସେତୁ ହେବ

ଭଞ୍ଜନଗର,୩।୩(ବାବୁଲା ପ୍ରଧାନ)

## ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ




ମନ୍ତ୍ରୀ ପଞ୍ଚାୟତ ବିକାଶ ସ୍ମରଣିକାକୁ ଉନ୍ମୋଚନ କରୁଛନ୍ତି ।

ଭଞ୍ଜନଗର ବ୍ଲକର ୨୨ଟି ପଞ୍ଚାୟତରେ ଚାଲିଥିବା ସଚେତନତା କାର୍ଯ୍ୟକ୍ରମ ରବିବାର ଢୁରୁମୁରେ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ପଞ୍ଚାୟତ ବିକାଶ ଉପରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଆୟୋଜିତ ଉତ୍ସବରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟରେ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ସମେତ ଅନ୍ୟାନ୍ୟ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଛି। ରାଜ୍ୟରେ ବିକାଶର ଧାରା ଚାଲିଛି। ଏହିଭଳି ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ମଧ ବ୍ୟାପକ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି। ଭଞ୍ଜନଗର ଗାଲେରୀ, ଭଞ୍ଜନଗର ଦଶପଲ୍ଲା ରାସ୍ତା ପ୍ରଶସ୍ତିକରଣ ପାଇଁ ବିପୁଳ ଅର୍ଥ ଖର୍ଚ୍ଚ କରାଯାଉଛି। ସେଥିମଧ୍ୟରେ ଭଞ୍ଜନଗର ଗାଲେରୀ ରାସ୍ତା କାମ ସରିଯାଇଛି। ଉକ୍ତ ରାସ୍ତାର ଢ଼ୋଲପିଟାଠାରେ ଥିବା ସେତୁଟି ଫାଇଲିନ୍ ବାତ୍ୟାରେ ଦବି ଯାଇଥିଲା। ତେଣୁ ସେଠାରେ ଏକ ହାଇଲେଭଲ ସେତୁର ଆବଶ୍ୟକତା ଥିଲା। ତେଣୁ ସେଠାରେ ଏକ ସେତୁ ନିର୍ମାଣ ହେବ। ଏନେଇ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟ ହେବ। ଟେଣ୍ଡର ପ୍ରକ୍ରିୟା ଚାଲିଛି ବୋଲି ମନ୍ତ୍ରୀ ଆରୁଖ କହିଥିଲେ। ଏହି ଅବସରରେ ମନ୍ତ୍ରୀ ରାସନ କାର୍ଡ଼ ହିତାଧିକାରୀଙ୍କୁ ୨ଟି ବ୍ୟାଗ୍ ଓ ଏକ ହଜାର ଟଙ୍କା ଲେଖାଁଏ ସହାୟତା ପ୍ରଦାନ କରିଥିଲେ। ଏହାପରେ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ପ୍ରଦର୍ଶନୀ ମେଳା ପରିଦର୍ଶନ କରିବା ସହ ବିଭିନ୍ନ ଜିନିଷ କିଣିଥିଲେ। ବିଡ଼ିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ଶ୍ୟାମଘନ ପ୍ରଧାନ, ଜିଲା ବିଜେଡି ଉପସଭାପତି ରାଜ କୁମାର ସାହୁ, ପୂର୍ବତନ ସରପଞ୍ଚ ଟୁଟୁ ପ୍ରଧାନ, ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ପ୍ରଧାନ, ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ, ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ଏମପି ପ୍ରତିନିଧି ଦିବାକର ନାୟକ, ପଞ୍ଚାନନ ପାଳ, ଜିଲା ପରିଷଦ ସଭ୍ୟା ଭାଗ୍ୟଲତା ସେଠୀ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଶୂଳପାଣି ଶତପଥି ସଭା ସଂଯୋଜନା କରିଥିଲେ ।

# ୨୦ ନମ୍ବର ଏନ୍‌ଏଚ୍ ଖାଲଖମାରେ ଭର୍ତ୍ତି

- ଉପଯୁକ୍ତ ମରାମତି ନ ହୋଇ ଅର୍ଥ ଚଳୁ
- ବଢୁଛି ଦୁର୍ଘଟଣା, ଏନ୍‌ଏଚ୍ କର୍ତ୍ତୃପକ୍ଷଙ୍କ ଅଣଦେଖା

ଯାଜପୁର,୩।୩(ହର୍ଷବର୍ଦ୍ଧନ ବେହେରା)



ପାଣିକୋଇଲି ନିକଟ ୨୦ ନଂ. ଜାତୀୟ ରାଜପଥ ।

ଆକସ୍ମିକ ଦୁର୍ଘଟଣା ମୃତ୍ୟୁ ସମ୍ପର୍କରେ ୨୦୨୦ ଡିସେମ୍ବରରେ ସିଆଇଡି ଏବଂ କ୍ରାଇମବ୍ରାଞ୍ଚ ରିପୋର୍ଟ ପ୍ରକାଶ ପାଇବା ପରେ ରାଜ୍ୟ ଦେଇ ଯାଇଥିବା ଜାତୀୟ ଓ ରାଜ୍ୟପଥରେ ବ୍ଲାକ୍ ସ୍ପଟ୍ ଚିହ୍ନଟ ହୋଇଥିଲା। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ କମିଟି ଗଠନ କରାଯାଇଥିଲା। ଏଥିରେ ନ୍ୟାଶନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ(ଏନ୍‌ଏଚ୍‌ଏଆଇ), ରାଜ୍ୟ ସରକାରଙ୍କ ନିର୍ମାଣ ବିଭାଗ, ପରିବହନ ବିଭାଗ ଅଧିକାରୀ ସାମିଲ ହୋଇଥିଲେ। କିନ୍ତୁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ବ୍ଲାକ୍ ସ୍ପଟ୍ ଚିହ୍ନଟ କ'ଣ କରିବେ, ଓଲଟା ଶତାଧିକ ଖାଲଖମା ଉପରେ ଦୃଷ୍ଟି ଦେଇ ନ ଥିବାରୁ ବ୍ଲାକ୍ ସ୍ପଟ୍ ସୃଷ୍ଟି ହୋଇଛି ବୋଲି ମତପ୍ରକାଶ ପାଇଛି। ଏହା ପାଣିକୋଇଲିଠାରୁ ରାଜାମୁଣ୍ଡା ୨୦ ନମ୍ବର ଜାତୀୟ ରାଜପଥରେ ଦେଖିବାକୁ ମିଳିଛି। ଫଳରେ ଧନଜୀବନର ସୁରକ୍ଷା ଏବଂ ନିରାପଦ ଗମନାଗମନ ପାଇଁ କେନ୍ଦ୍ର ସରକାର ବିପୁଳ ଅର୍ଥ ବ୍ୟୟବରାଦ କରି ଜାତୀୟ ରାଜପଥ(ଏନ୍‌ଏଚ୍) ନିର୍ମାଣ ଓ ଲକ୍ଷ୍ୟ ପରାହତ ହେଉଛି।

ଓଡ଼ିଶା ଦେଇ ଯାଇଥିବା ଜାତୀୟ ରାଜପଥଗୁଡ଼ିକରେ ପ୍ରାଥମିକସ୍ତରରେ ୧୦୦ଟି ବ୍ଲାକ ସ୍ପଟ୍ ଚିହ୍ନଟ ହୋଇଥିଲା। ଏହାସହ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ନିୟନ୍ତ୍ରଣ କରିବାକୁ ଏହି କମିଟି ଏକ ଦୀର୍ଘସ୍ଥାୟୀ ଓ କ୍ଷଣସ୍ଥାୟୀ ପ୍ରସ୍ତାବ ଦେଇଥିଲେ। ବିଶେଷକରି ଜାତୀୟ ରାଜପଥର ଦୁର୍ବଳ ରକ୍ଷଣାବେକ୍ଷଣ, ରାସ୍ତାକଡ଼ରେ ବେଆଇନ ଟ୍ରକ୍ ପାର୍କିଂ, ଭୁଲ୍ ପାର୍ଶ୍ୱରେ ଗାଡ଼ି ଚଳାଚଳ, ରାସ୍ତାରେ ଉପଯୁକ୍ତ ସଂକେତର ଅଭାବ, ତ୍ରୁଟିପୂର୍ଣ୍ଣ ନିର୍ମାଣ ଇତ୍ୟାଦି ଦୁର୍ଘଟଣାର ପ୍ରମୁଖ କାରଣ ବୋଲି କମିଟି ପକ୍ଷରୁ ରିପୋର୍ଟ ଦିଆଯାଇଥିଲା। ଏହି ରିପୋର୍ଟକୁ ଆଧାରକରି ପରିବହନ କମିଶନର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହି ନିର୍ଦ୍ଦେଶ ୨୦ ନମ୍ବର ଜାତୀୟ ରାଜପଥରେ କାର୍ଯ୍ୟକାରୀ ହୋଇ ନ ଥିବା ମନେହେଉଛି। ଯାଜପୁର ଜିଲା ଦେଇ ଯାଇଥିବା ୨୦ ନମ୍ବର ଜାତୀୟ ରାଜପଥର ଯାଜପୁର ରୋଡ୍ ଅଗ୍ନିଶମ ବିଭାଗ ଗୋଲେଇ ଛକଠାରୁ ପାଣିକୋଇଲି ପର୍ଯ୍ୟନ୍ତ ବାମପାର୍ଶ୍ୱ ରାସ୍ତାରେ ଶତାଧିକ ଖାଲଖମା ସୃଷ୍ଟି ହୋଇଛି। ଏହାସହ ରାସ୍ତାର କେତେକ ସ୍ଥାନରେ ଛୋଟ ଡ୍ରେନ୍ ଭଳି ଲମ୍ବା ଗର୍ତ୍ତ ହୋଇଛି। ଫଳରେ କ୍ଷୀପ୍ରଗତିରେ ଯାଉଥିବା ଯାନବାହନ ଖାଲଖମାରୁ ରକ୍ଷା ପାଇବାକୁ ଯାଇ ବାମ ଓ ଡାହାଣ ପଟକୁ ଗାଡ଼ି ଚଳାଉଛନ୍ତି। ଫଳରେ ପଛରୁ ଆସୁଥିବା ଗାଡିଗୁଡ଼ିକୁ ବିପଦ ହେଉଛି। ଏଥିପାଇଁ ବିଭିନ୍ନ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏହି ଜାତୀୟ ରାଜପଥର ଖାଲଖମା ମରାମତି ପାଇଁ ବାର୍ଷିକ ବିପୁଳ ଅର୍ଥ ଖର୍ଚ୍ଚ କରାଯାଉଛି। ହେଲେ ଉପଯୁକ୍ତ ଭାବେ ମରାମତି ନ କରି ସିଂହଭାଗ ଅର୍ଥ ଚଳୁ କରାଯାଉଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ମତପ୍ରକାଶ ପାଇଛି। ଫଳରେ ସାଧାରଣ ଲୋକଙ୍କ ଜୀବନ ନିରାପଦ ହେବା ସ୍ଥଳେ ରାଜପଥ ମରଣପଥ ପାଲଟୁଛି। ରାଜ୍ୟ ସରକାରଙ୍କ ଅନୁରୋଧକୁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଆଦୌ ମାନୁନାହାନ୍ତି। ତ୍ରୁଟିପୂର୍ଣ୍ଣ ଜାତୀୟ ରାଜପଥ ନିର୍ମାଣ ଓ ଖାଲଖମାରେ ଭର୍ତ୍ତି ରାସ୍ତା ଲୋକଙ୍କ ଜୀବନ ନେଉଛି। ବିଶେଷକରି ଯାଜପୁର ଜିଲା ଏହି କାରଣରୁ ରାଜ୍ୟର ଦୁର୍ଘଟଣାପ୍ରବଣ ଜିଲା ଭାବେ ପରିଗଣିତ ହୋଇଛି। ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ମନମାନି, ଜିଲା ପ୍ରଶାସନକୁ ସହଯୋଗ ନ କରିବା ଆଦି ଏହାର କାରଣ ବୋଲି ପୂର୍ବରୁ ଅନୁଷ୍ଠିତ ସଡ଼କ ସୁରକ୍ଷା ସମୀକ୍ଷା ବୈଠକରେ ମତପ୍ରକାଶ ପାଇଛି। ଭାରତୀୟ ଦଣ୍ଡବିଧି ସଂହିତା ଧାରା ୧୩୩ ଅନୁସାରେ ସର୍ବସାଧାରଣଙ୍କୁ କ୍ଷତି ପହଞ୍ଚାଇବା ଅପରାଧରେ ଉପଜିଲାପାଳଙ୍କ କୋର୍ଟରେ ମାମଲା ରୁଜୁହେବାର ବ୍ୟବସ୍ଥା ରହିଛି। ହେଲେ ସମ୍ପୃକ୍ତ ସଂସ୍ଥା ଏବଂ ଠିକାଦାରଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଅଭାବରୁ ଦୁର୍ଘଟଣା ହ୍ରାସ ପରିବର୍ତ୍ତେ ବଢ଼ିବାରେ ଲାଗିଛି ବୋଲି ମତପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ଏନ୍‌ଏଚ୍‌ଏଆଇର କେନ୍ଦୁଝର ପ୍ରକଳ୍ପ ନିର୍ଦ୍ଦେଶକ ମୋବେଶ ଗାମୀଙ୍କୁ ପଚାରିବାରୁ ସେ କହିଛନ୍ତି, ରାସ୍ତା ମରାମତି ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ଖୁବ୍‌ଶୀଘ୍ର ରାସ୍ତା ମରାମତି ପ୍ରକ୍ରିୟା ଆରମ୍ଭ ହେବ। ମରାମତି କାର୍ଯ୍ୟରେ କୌଣସି ଦୁର୍ନୀତି ହେଉନାହିଁ।




@ ରୋମି



@ ସ୍ମୃତିରଞ୍ଜନ



@ ଚନ୍ଦନ



@ ପ୍ରକାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଜମି ବିବାଦକୁ ନେଇ ଗଣ୍ଡଗୋଳ: ୨ ଗୋଷ୍ଠୀ ଥାନା ଦ୍ୱାରସ୍ଥ

ପାଣିକୋଇଲି,୩।୩(ବିକାଶ ମଲ୍ଲିକ)

ପାଣିକୋଇଲି ଥାନା ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ତଣ୍ଡରା ପଞ୍ଚାୟତ ବରେଇ ଗ୍ରାମରେ ଜମି ସୀମା ନିର୍ଦ୍ଧାରଣକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଓ ମାରପିଟ ଘଟିଛି। ଏନେଇ ଉଭୟ ପକ୍ଷ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ଗ୍ରାମର ଅକ୍ଷୟ ନାୟକଙ୍କ ସହିତ ଆତୁଳ ସାମଲ ଏବଂ ଶ୍ରୀଧର ପରିଡ଼ାଙ୍କ ଚାଷ ଜମି ସୀମା ନିର୍ଦ୍ଧାରଣ ନେଇ ପୂର୍ବରୁ ବିବାଦ ରହିଥିଲା। ଏ ନେଇ ଉଭୟ ପକ୍ଷ ପୂର୍ବରୁ ମଧ୍ୟ ଶଙ୍ଖଚିଲା ଫାଣ୍ଡି ଦ୍ୱାରସ୍ଥ ହୋଇଥିଲେ। ଫାଣ୍ଡି ଅଧିକାରୀଙ୍କ ମଧ୍ୟସ୍ଥତା ଓ ଉଭୟ ପକ୍ଷଙ୍କ ଭଦ୍ରଲୋକଙ୍କ ଉପସ୍ଥିତିରେ ବିବାଦୀୟ ସ୍ଥାନକୁ ନ ଯିବା ଲାଗି ବାରଣ କରାଯିବା ସହିତ ଉଭୟ ପକ୍ଷ କୋର୍ଟଙ୍କ ଦ୍ୱାରସ୍ଥ ହେବା ଲାଗି ନିଷ୍ପତ୍ତି ହୋଇଥିଲା। ମାତ୍ର ଆତୁଳ ଏବଂ ଶ୍ରୀଧରଙ୍କ ପରିବାର ଲୋକେ ଉକ୍ତ ନିଷ୍ପତ୍ତି ନ ମାନି ଉକ୍ତ ବିବାଦୀୟ ସ୍ଥାନକୁ ବାଦାମ ଉପାଡ଼ିବା ଲାଗି ଯାଇଥିବାବେଳେ ଅକ୍ଷୟଙ୍କ ପରିବାର ଲୋକେ ଏହାକୁ ବିରୋଧ କରିଥିଲେ। ଫଳରେ ତାହା ଗଣ୍ଡଗୋଳ ରୂପ ନେଇଥିଲା। ଏହାକୁ ନେଇ ଅକ୍ଷୟଙ୍କ ସ୍ତ୍ରୀ ସାବିତ୍ରୀ ଶ୍ରୀଧର ଓ ଆତୁଳଙ୍କ ପରିବାର ଲୋକଙ୍କ ନାମରେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଆତୁଳ ଓ ଶ୍ରୀଧରଙ୍କ ପରିବାର ଅକ୍ଷୟଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ପୋଲିସ ଉଭୟ ପକ୍ଷଙ୍କ ଅଭିଯୋଗକୁ ଗ୍ରହଣ କରି ତଦନ୍ତ ଆରମ୍ଭ କରିଛି।

# ବିଜେଡିକୁ ଫେରିଲେ ନରେଶ ମହାନ୍ତି

## ଧର୍ମଶାଳା ରାଜନୀତି ସରଗରମ

### ଅଢ଼େଇ ମାସ ତଳେ ଭାଜପାରେ ସାମିଲ ହୋଇଥିଲେ

ରସୁଲପୁର,୩।୩ (ରଞ୍ଜିତ ରାଉତ)

ଯାଜପୁର ଜିଲା ପରିଷଦର ପୂର୍ବତନ ସଭାପତି ନରେଶ ଚନ୍ଦ୍ର ମହାନ୍ତି ସମର୍ଥକଙ୍କ ସହ ବିଜେଡିକୁ ଫେରିଛନ୍ତି। ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନରେ ରବିବାର ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ସେ ଅଢ଼େଇ ମାସ ତଳେ ବିଜେଡି ଛାଡି ଭାଜପାରେ ସାମିଲ ହୋଇଥିଲେ। ମହାନ୍ତି ଦଳକୁ ଫେରିବାକୁ ନେଇ ଧର୍ମଶାଳା ରାଜନୀତି ସରଗରମ ହୋଇଉଠିଛି। ପୁରୁଣା ସାଥୀ ଓ କର୍ମୀମାନେ ଦଳକୁ ଫେରିଆସିବାକୁ ନେଇ ବିଜେଡି ଶିବିର ଖୁସ୍‌ଥିବା ବେଳେ ଭାଜପା ନେତାମାନେ ଏହାକୁ ଅତି ସହଜରେ ଗ୍ରହଣ କରିଥିବା ଜଣାଯାଇଛି। ଏଥିରେ ଦଳୀୟ ସଂଗଠନ ପ୍ରତି କୌଣସି ପ୍ରଭାବ ପଡିବ ନାହିଁ ବୋଲି କହିଛନ୍ତି। ସେ ଭାଜପାର ନ ଥିଲେ, ଅଢେଇ ମାସ ତଳେ ସାମିଲ ହୋଇଥିଲେ। ଦଳୀୟ ସଂଗଠନ ପ୍ରତି ତାଙ୍କର କୌଣସି ଅବଦାନ ନ ଥିଲା କି ସେ ଛାଡି ଚାଲିଯିବା ପରେ ଦଳ ଉପରେ ତା'ର ପ୍ରଭାବ ଶୂନ ବୋଲି ଭାଜପାର କେତେଜଣ ଛାମୁଆ ନେତା କହିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଭାଜପା ଜିଲା ସଭାପତି ଗୌତମ ରାୟଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ।



ଯାଜପୁର ଜିଲା ପରିଷଦର ପୂର୍ବତନ ସଭାପତି ନରେଶ ଚନ୍ଦ୍ର ମହାନ୍ତି ଓ ଅନ୍ୟମାନେ ଉପସ୍ଥିତ।

ମହାନ୍ତି କଂଗ୍ରେସରେ ସାମିଲ ହୋଇ ରାଜନୀତି ଜୀବନ ଆରମ୍ଭ କରିଥିଲେ। ବିଜୁ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ୧୯୮୪ରେ କଂଗ୍ରେସ ଛାଡ଼ି ଜନତା ଦଳରେ ସାମିଲ ହୋଇଥିଲେ। ପରେ ବିଜେଡିରେ ରହି ରସୁଲପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ, ଅଧ୍ୟକ୍ଷ ଓ ବିଜେଡି ଜିଲା ସଭାପତି ସହ ଜିଲା ପରିଷଦର ସଭାପତି ହୋଇଥିଲେ। ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ସହ ତାଙ୍କର ମତାନ୍ତର ହୋଇଥିଲା। ପରେ ଦଳ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତଥିବା ଦର୍ଶାଇ ତାଙ୍କୁ ଦଳରୁ ବହିଷ୍କୃତ କରାଯାଇଥିଲା। ବହିଷ୍କାରର କିଛି ମାସ ପରେ ସେ ଭାଜପା ନେତୃତ୍ୱଙ୍କ ସହ ଯୋଗାଯୋଗରେ ରହି ଆସୁଥିଲେ। ପରେ ଅଢ଼େଇ ମାସ ତଳେ ଭାଜପାରେ ସାମିଲ ହୋଇଥିଲେ।

ଏହି ଖବରକୁ ବିଜେଡି ଗୁରୁତର ସହ ବିଚାର କରି ତାଙ୍କୁ ଦଳକୁ ଫେରାଇ ଆଣିବା ଯୋଜନା କରି ସଫଳ ହୋଇଛି। ଏ ସମ୍ପର୍କରେ ମହାନ୍ତିଙ୍କୁ ପଚାରିବାରୁ ଶଙ୍ଖ ଭବନରେ ଆୟୋଜିତ କାର୍ଯ୍ୟକ୍ରମକୁ ମିଶ୍ରଣ ପର୍ବ ବୋଲି ନ କହି ତାଙ୍କର ଘର ବାହୁଡା ବୋଲି ସେ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି। ସେ ଅଭିମାନକରି ଦଳ ଛାଡି ଚାଲି ଯାଇଥିଲେ। ଦଳ ତାଙ୍କୁ ପୁଣି ସମ୍ମାନର ସହ ଆପଣେଇ ନେଇଥିବାରୁ ସେ ଖୁସି ଅଛନ୍ତି ବୋଲି କହିଛନ୍ତି। ତେବେ ମହାନ୍ତି ଦଳ ଛାଡ଼ିବା ଓ ପୁଣି ଫେରିବାରେ ବିଜେଡିକୁ କେତେ ଫାଇଦା ମିଳିବ ଓ ଭାଜପାକୁ କି ପ୍ରକାର କ୍ଷତି ପହଞ୍ଚାଇବ ତାହା ସମୟକ୍ରମେ ସ୍ପଷ୍ଟ ହେବ ବୋଲି କୁହାଯାଉଛି।

## ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ଅନୁମତି ମାଗିଲା ରେଳପଥ ସଂଗ୍ରାମ ସମିତି

ପାଣିକୋଇଲି,୩।୩(ବିକାଶ ମଲ୍ଲିକ)

ଆସନ୍ତା ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯାଜପୁର ଗସ୍ତରେ ଆସୁଥିବାରୁ ତାଙ୍କ ସହିତ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ ପାଇଁ ଅନୁମତି ଦେବାକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଇମେଲ ମାଧ୍ୟମରେ ଅନୁରୋଧ କରାଯାଇଛି। ଏନେଇ ସଂଗ୍ରାମ ସମିତି ଆବାହକ ସନ୍ତୋଷ ଦାସ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନୁମତି ମିଳିବ ବୋଲି ଦାସ ଆଶାବାଦୀ ଥିବା ପ୍ରକାଶ କରିଛନ୍ତି।

## ଜେ୍‌ଏନ ଟାଟାଙ୍କ ଜୟନ୍ତୀ ପାଳିତ



ପିଲାମାନଙ୍କ ଗହଣରେ ଟାଟା ଷ୍ଟିଲର ଅଧିକାରୀ।

କାଳିଆପାଣି,୩।୩ (ଅସିତ ମହାନ୍ତ)

ଟାଟାଷ୍ଟିଲ କମ୍ପାନୀର ପ୍ରତିଷ୍ଠାତା ଜେଏନ୍ ଟାଟାଙ୍କ ୧୮୫ତମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଟାଟା ଷ୍ଟିଲ ପକ୍ଷରୁ ଏହାର ସୁକିନ୍ଦା କ୍ରୋମାଇଟ ଖଣି, ସାରୁଆବିଲ କ୍ରୋମାଇଟ ଖଣି ଓ କମର୍ଦ୍ଧା କ୍ରୋମାଇଟ ଖଣି ପରିସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କର୍ମଚାରୀମାନେ ଏକାଠି ହୋଇ ଟାଟାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସୁକିନ୍ଦା କ୍ରୋମାଇଟ ଖଣି ପକ୍ଷରୁ ସ୍ଥାନୀୟ ଘାଗିଆସାହି ସ୍ଥିତ ସ୍ୱାମୀ ଚିଦାନନ୍ଦ ସାଂସ୍କୃତିକ କେନ୍ଦ୍ରରେ ଏକ 'କର୍ମଚାରୀ ସ୍ୱେଚ୍ଛାସେବିତା' କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ କର୍ମଚାରୀମାନେ ପରିବାର ସହ ଆସି କେନ୍ଦ୍ରର ପିଲାଙ୍କ ସହ ସମୟ ବିତାଇବା ସହିତ ସେମାନଙ୍କୁ ସ୍କୁଲ ବ୍ୟାଗ, ପାଠ୍ୟ ଓ ଚିତ୍ରାଙ୍କନ ଉପକରଣ ପ୍ରଦାନ କରିଥଲେ। ପିଲାମାନଙ୍କ ପାଇଁ ମଧ୍ୟାହ୍ନଭୋଜନ କରିବା ସହ ପିଲାଙ୍କ ସାଙ୍ଗରେ ମିଶି ଖାଇଥିଲେ। ସୁକିନ୍ଦା କ୍ରୋମାଇଟ ଖଣି ପରିସରର ସ୍ଥାନୀୟ ଗୋଷ୍ଠୀ ସମ୍ପ୍ରଦାୟଙ୍କୁ ନେଇ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ପ୍ରତିଯୋଗିତାର ଆୟୋଜନ ମଧ୍ୟ କରାଯାଇଥିଲା। କମ୍ପାନୀର ପ୍ରଶାସନିକ ମୁଖ୍ୟ ଗୌତମ ଚକ୍ରବର୍ତ୍ତୀ, ହରି ବ୍ରହ୍ମ ବେହେରାଙ୍କ ସହ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ୫ରେ ପ୍ରଧାନମନ୍ତ୍ରୀଙ୍କ ଘୋଷଣାକୁ ଅପେକ୍ଷା

କେନ୍ଦ୍ରାପଡ଼ା,୩।୩(ଜଗନ୍ନାଥ ଧଳ)



ଶଶିଭୂଷଣ ବେହେରା



ଭୁବନମୋହନ ଜେନା



ଗଣେଶ୍ୱର ବେହେରା



ଗୌତମ ବେହେରା

## କେନ୍ଦ୍ରାପଡ଼ାରେ ଯାତ୍ରୀବାହୀ ରେଳ ପ୍ରସଙ୍ଗ

- ଶ୍ରେୟ ପାଇଁ ରାଜନୈତିକ ଦଳର ବୟାନବାଜି ଆରମ୍ଭ
- ୮୨ କି.ମି. ଫାଟକବିହୀନ ରେଳପଥରେ ଯାତ୍ରୀବାହୀ

ଆଗକୁ ସାଧାରଣ ନିର୍ବାଚନ ଆସୁଛି । ଏହା ପୂର୍ବରୁ କେନ୍ଦ୍ରପଡ଼ା ଜିଲାରେ ଯାତ୍ରୀବାହୀ ରେଳ ଚାଲିବା ସ୍ୱପ୍ନ ପୂରଣ ହେବାକୁ ଯାଉଥିବା ସୂଚନା ମିଳୁଛି । ଆସନ୍ତା ୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯାଜପୁର ଜିଲା ଚଣ୍ଡିଖୋଲକୁ ଗସ୍ତ କରୁଛନ୍ତି । ଏହି ଅବସରରେ ଓଡ଼ିଶାର ପ୍ରାୟ ୨୦୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ କରିବା ସହିତ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ପ୍ରକଳ୍ପଗୁଡିକ ମଧ୍ୟରେ ପାରାଦୀପରୁ କେନ୍ଦୁଝର ପର୍ଯ୍ୟନ୍ତ ମେମୁ (ମେନଲାଇନ ଇଲେକ୍ଟ୍ରିକ ମଲଟିପୁଲ ୟୁନିଟ) ଟ୍ରେନ ଚାଲିବା ଘୋଷଣା ହେବ ବୋଲି ଆଲୋଚନା ଆରମ୍ଭ ହୋଇଛି । ଟ୍ରେନର ଯାତାୟତ ସମୟ ସାରଣୀ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି । ଏଥିସହ ଯାତ୍ରୀବାହୀ ରେଳ ଚଳାଚଳ ପାଇଁ ତନଖି ବିଭାଗର ସର୍ବଶେଷ ରିପୋର୍ଟ ପହଞ୍ଚି ଥିବା ପୂର୍ବତଟ ରେଳପଥର ପୂର୍ବତନ ବରିଷ୍ଠ ପ୍ରଶାସନିକ ଅଧିକାରୀ ନିରାକାର ଦାସ ସୂଚନା ଦେଇଛନ୍ତି। ଅପରପକ୍ଷେ ହରିଦାସପୁର ରେଳ ଷ୍ଟେଶନର ଏଏସ୍‌ଏମ୍ ସୁକାନ୍ତ ପଟ୍ଟନାୟକ କହିଛନ୍ତି, ରେଳ ଚଳାଚଳ ପାଇଁ ଅଦ୍ୟାବଧି ନୋଟିସ ପହଞ୍ଚି ନାହିଁ । ଏହାସତ୍ତ୍ୱେ କେନ୍ଦ୍ରାପଡ଼ା ଜିଲାରେ ଯାତ୍ରୀବାହୀ ରେଳ ଚଳାଚଳକୁ ନେଇ ରାଜନୈତିକ ବୟାନବାଜି ଆରମ୍ଭ ହୋଇଯାଇଛି ।

ମେମୁ ଟ୍ରେନ ଚଳାଚଳ ପାଇଁ ବିଭାଗୀୟ ଦପ୍ତରକୁ ବାରମ୍ବାର ଚିଠି ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରିଥିବା ପଟ୍ଟାମୁଣ୍ଡାଇ ଉତ୍କଳମଣି ଯୁବକ ସଂଘ ସଭାପତି ଗୌତମ କୁମାର ବେହେରା କହିଛନ୍ତି, ହରିଦାସପୁର ପାରାଦୀପ ରେଳପଥ ପାଇଁ ୧୯୯୮ ଡିସେମ୍ବରରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ୮୨ କି.ମି. ଫାଟକ ବିହୀନ ରେଳପଥରେ ଯାତ୍ରୀବାହୀ ରେଳ ଚଳାଚଳ କେନ୍ଦ୍ରାପଡ଼ା ଜିଲାବାସୀଙ୍କ ସ୍ୱପ୍ନ ହୋଇଆସିଛି।

ଇତିମଧ୍ୟରେ ୫ଟି ସାଧାରଣ ନିର୍ବାଚନ ବିତିଛି। ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ରେଳ ଚାଲିବା ରାଜନେତାଙ୍କ ଦଳୀୟ ପ୍ରଚାର ପାଇଁ ଖୋରାକ ଯୋଗାଇବ । ତେବେ ଜିଲାବାସୀଙ୍କ ସ୍ୱପ୍ନ ପୂରଣ ହେବା ସହିତ ବିଭିନ୍ନ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପାଇଁ ଯୁବବର୍ଗଙ୍କୁ ଏହା ପ୍ରୋତ୍ସାହିତ କରିବ ବୋଲି ସେ କହିଛନ୍ତି। ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା କହିଛନ୍ତି, କଂଗ୍ରେସର ଅହରହ ଆନ୍ଦୋଳନର ଫଳ ରୂପେ କେନ୍ଦ୍ରାପଡ଼ା ଜିଲାବାସୀଙ୍କ ବହୁଦିନର ସ୍ୱପ୍ନ ପୂରଣ ହେବାକୁ ଯାଉଛି । ଯାତ୍ରୀବାହୀ ରେଳ ଚଳାଚଳ ଘୋଷଣା ବହୁ ବିଳମ୍ବରେ ହେଲା । ୨୦୨୦ରେ ଏହି ରେଳପଥର ନିର୍ମାଣ କାର୍ଯ୍ୟ ସରି ମାଲବାହୀ ରେଳ ଚଳାଚଳ କରୁଛି । ପ୍ରତ୍ୟେହ ୨୫ରୁ ଊର୍ଦ୍ଧ୍ୱ ଥର ଯାତାୟତରେ କୌଣସି ଅସୁବିଧା ହୋଇନାହିଁ। ଏହାସତ୍ତ୍ୱେ ଜିଲାବାସୀଙ୍କ ସ୍ୱପ୍ନ ପୂରଣ ପାଇଁ ଗତ ସାଢ଼େ ୩ ବର୍ଷରେ କଂଗ୍ରେସ ପକ୍ଷରୁ ୯ଟି ବଡ ଧରଣର ଆନ୍ଦୋଳନ, ରେଳରୋକୋ ଆଦି କରାଯାଇଛି । ସେହିପରି ରେଳ ବିଭାଗଠାରୁ ଆରମ୍ଭ କରି ରେଳମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

ମେମୁ ଟ୍ରେନ କେନ୍ଦୁଝର ପର୍ଯ୍ୟନ୍ତ ଚାଲିବା ଯୋଜନା ହୋଇଛି । ଏହି ରେଳପଥରେ କଲିକତାକୁ ଯିବା ପାଇଁ ନୂତନ ଟ୍ରେନର ଘୋଷଣା କରିବାକୁ କେନ୍ଦ୍ରାପଡା ବ୍ଲକ ଓ ନଗର କଂଗ୍ରେସ ପକ୍ଷରୁ ଆଗାମୀ ଦିନରେ ଦାବି ରହିବ ବୋଲି ବରିଷ୍ଠ କଂଗ୍ରେସ ନେତା ବେହେରା କହିଛନ୍ତି। ରେଳ ଚଳାଚଳ ଘୋଷଣା ସମ୍ପର୍କରେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା କହିଛନ୍ତି, ଓଡିଶା ରାଜ୍ୟ ସରକାରଙ୍କ ସକରାତ୍ମକ ଦୃଷ୍ଟି ପାଇଁ କେନ୍ଦ୍ରାପଡ଼ା ଜିଲାବାସୀଙ୍କ ସ୍ୱପ୍ନ ପୂରଣ ହେବାକୁ ଯାଉଛି । ଜମି ଅଧିଗ୍ରହଣଠାରୁ ତୁରନ୍ତ ରେଳ ଚଳାଚଳ ପାଇଁ ଦାବି ପର୍ଯ୍ୟନ୍ତରେ ବିଜେଡି ସର୍ବଦା ଆଗରେ ରହିଛି । ରେଳମନ୍ତ୍ରୀଙ୍କୁ ଭେଟି ସ୍ମାରକପତ୍ର ଦେବା, ସଂସଦରେ ଏସମ୍ପର୍କରେ ଦାବିକୁ ଉତ୍‌ଥାପନ କରିବାରେ ଦଳୀୟ ନେତା ଆଗରେ ଅଛନ୍ତି । ରେଳ ଚଳାଚଳ ଦ୍ୱାରା ଏହି ଜିଲାର ଆର୍ଥିକ ବିକାଶ ହୋଇପାରିବ । ଏହି ଜିଲାରେ କ୍ଷୁଦ୍ର, ମଧ୍ୟମ ଓ ବୃହତ ଶିଳ୍ପ ପାଇଁ ପ୍ରସ୍ତୁତି ସରିଛି। କେତେକ ପ୍ରକଳ୍ପ ପାଇଁ ଏମ୍‌ଓୟୁ ହୋଇଛି । ଯାତ୍ରୀବାହୀ ରେଳ ଏଥିରେ ବଡ ଧରଣର ଅଂଶ ଗ୍ରହଣ କରିବ ବୋଲି ବିଧାୟକ ବେହେରା କହିଛନ୍ତି। ବରିଷ୍ଠ ଭାଜପା ନେତା ଭୂବନମୋହନ ଜେନା କହିଛନ୍ତି, କେନ୍ଦ୍ରରେ ଭାଜପା ସରକାର ଥିବା ସମୟରେ ଏହି ରେଳପଥ ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଥିଲା । କଂଗ୍ରେସ ଶାସନ ସମୟରେ ଏଥିପାଇଁ ଆବଶ୍ୟକ ଅର୍ଥ ମଞ୍ଜୁର ହେଲାନାହିଁ। ୨୦୧୪ରେ ଭାଜପା କେନ୍ଦ୍ରରେ ଶାସନାଧୀନ ହେବା ପରେ ଏହି ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଥିଲା । ଏହା ମୋଦିଙ୍କ ଗ୍ୟାରେଣ୍ଟି ହୋଇଥିବା ବେଳେ ଏଥିପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମ ରହିଛି । ଆସନ୍ତା ଦିନରେ ଏହି ରେଳପଥ କେବଳ ମାଲ ପରିବହନ, ଯାତ୍ରୀବାହୀରେ ସୀମିତ ନ ରହି ପର୍ଯ୍ୟଟକଙ୍କ ରେଳ ବୋଲି ପରିଚିତ ହେବ ବୋଲି ସେ ମତ ରଖିଛନ୍ତି।

# ଜଗନ୍ନାଥ ମନ୍ଦିର ନୀତିକାନ୍ତିରେ ବିଭ୍ରାଟ

ନୟାଗଡ଼, ୩।୩(ଲୋକନାଥ ମିଶ୍ର)

- ଗୋଟିଏ ବଦଳରେ ନୀଳଚକ୍ରରେ ଉଡ଼ୁଛି ୩ ବାନା
- ସକାଳେ, ସନ୍ଧ୍ୟାରେ ୧ ଘଣ୍ଟା ବିଳମ୍ବରେ ଖୋଲୁଛି ମନ୍ଦିର
- ଭୋଗ ନ କରି ଅଣନିଲାମଧାରୀ ବିକ୍ରି କରୁଛନ୍ତି ଅବଢ଼ା
- ବିମଳା ମନ୍ଦିରକୁ ଜବରଦଖଲରେ ରଖିଛନ୍ତି ଅଣନିଲାମଧାରୀ
- ରଥ ପାଇଁ ଭକ୍ତଙ୍କ ଦାନ କାଠ ବିକ୍ରି ହେଉଛି
- ସୁପର ଭାଇଜରଙ୍କ ଅଭିଯୋଗ ପରେ ବି ନାହିଁ ପ୍ରତିକାର

ନୟାଗଡ଼ ପୁରୁଣା ସହରରେ ପୂଜା ପାଉଥିବା ଜଗନ୍ନାଥ ମହାପ୍ରଭୁଙ୍କ ନୀତିକାନ୍ତିରେ ବିଭ୍ରାଟ କିଛି ମାସ ହେଲା ଲାଗି ରହିଥିବାର ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ଏହାର ନିରାକରଣ ହେଉ ନାହିଁ। ସେହିପରି ମନ୍ଦିରରେ ଗୋଟିଏ ନୀଳଚକ୍ର ବାନା ଉଡିବାର ନିୟମ ରହିଛି। ପରମ୍ପରାକୁ ଭଙ୍ଗ କରି କିଛି ଦିନ ହେଲା ୩ ବାନା ଉଡୁଛି। ସକାଳେ ଓ ସନ୍ଧ୍ୟାରେ ଜଗନ୍ନାଥ ମନ୍ଦିର ପ୍ରାୟ ୧ ଘଣ୍ଟା ବିଳମ୍ବରେ ଖୋଲୁଛି। ସେହିଭଳି ୨୦୨୧ରୁ ଅବଢ଼ା ନିଲାମ ବନ୍ଦ ହୋଇ ଯାଇଥିବାବେଳେ ପୂର୍ବତନ ନିଲାମଧାରୀ ଜବରଦସ୍ତ ଅବଢ଼ା କରୁଛନ୍ତି। ଅବଢ଼ାକୁ ମନ୍ଦିରରେ ପୂଜା ନ କରି ଠାକୁରଙ୍କ ଭୋଗ ନାଁରେ ଭକ୍ତଙ୍କ ଆବେଗ ସହ ଖେଳ ଚାଲିଛି। ଅନ୍ୟପକ୍ଷେ ନିଲାମ ନ ନେଇ ମଧ୍ୟ ଜଣେ ବ୍ୟକ୍ତି କିପରି ବିମଳା ମନ୍ଦିରକୁ ଜବରଦଖଲ କରି ମନ୍ଦିରରେ ଅବଢ଼ା ଚାଉଳ, କୁଡିଆ ଆଦି ରଖିଛନ୍ତି ତାହା ସାଧାରଣରେ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଉଛି। ରଥ ନିର୍ମାଣ ପାଇଁ ଭକ୍ତ ଦାନ କରୁଥିବା କାଠକୁ ବିକ୍ରି ଓ ଅବଢ଼ା ରୋଷେଇରେ ବ୍ୟବହାର ହେଉଛି। ବେଳେବେଳେ କାଠରେ ରେଷେଇ ନ କରି ଗ୍ୟାସରେ ଅବଢ଼ା ତିଆରି କରି ବିକ୍ରି ହେଉଛି। ଜିଲା ସଦର ମହକୁମାରେ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିରେ ଚାଲିଥିବା ଏଭଳି ଅବ୍ୟବସ୍ଥା ବଢ଼ି ଚାଲିଥିବାବେଳେ ଏହାର ପ୍ରତିକାର ନାହିଁ। ମନ୍ଦିରର ଅବ୍ୟବସ୍ଥା ନେଇ ସୁପର ଭାଇଜରଙ୍କ ଅଭିଯୋଗ ପରେ ବି ନାହିଁ କାର୍ଯ୍ୟାନୁଷ୍ଠାନ।

ଅଭିଯୋଗ ଅନୁଯାୟୀ, ୨୦୨୧ରେ ଅବଢ଼ା ନିଲାମ ହୋଇଥିଲା। ସେ ସମୟରେ ଅବଢ଼ା ୧ବର୍ଷ ପାଇଁ ୫ ଲକ୍ଷ ୫୪ ହଜାରରେ ନିଲାମ ହୋଇଥିଲା। ନିଲାମଧାରୀ ମାତ୍ର ୫୦ ହଜାର ନିଲାମ ଅର୍ଥ ପଇଠ କରି ସେହ ବର୍ଷ ଠାରୁ ଅବଢ଼ା କରି ଆସୁଛନ୍ତି। ନିଲାମ ଅବଧି ୨ ବର୍ଷ ହେଲା ଚାଲି ଯାଇଥିଲେ ମଧ୍ୟ ନୂଆ ନିଲାମ ହୋଇନି। ପୁରୁଣା ନିଲାମଧାରୀ ଜୋରଜବରଦସ୍ତ ଅବଢ଼ା ବିକ୍ରି କରି ଆସୁଛନ୍ତି। ଦେବୋତ୍ତର ବିଭାଗ ଅବଢ଼ା ନିଲାମ ଅର୍ଥ ଆଦାୟ କରି ପାରୁ ନାହାନ୍ତି। ପୁଣି ପୋଲିସଙ୍କ ସହଯୋଗରେ ଅଣନିଲାମଧାରୀଙ୍କୁ ମନ୍ଦିର କାର୍ଯ୍ୟରୁ ହଟାଇ ପାରୁନାହାନ୍ତି। ଅଣନିଲାମଧାରୀ ଜଗନ୍ନାଥ ମହାପ୍ରଭୁଙ୍କ ଫାଟକର ଚାବି ମଧ୍ୟ ରଖିବାରେ ସଫଳ ହୋଇଛନ୍ତି। ଧିରେ ଧିରେ ବିମଳା ମନ୍ଦିର ଭିତରେ କନା ବାଡ କରି ଅବଢ଼ା ସରଞ୍ଜାମ ସହ ନିଜ ଉପକରଣ ରଖୁଛନ୍ତି। ସେପଟେ ୨ଜଣ ବଡପଣ୍ଡା ମଧ୍ୟ ଦାୟିତ୍ୱ ଠିକରେ ତୁଲାଉ ନାହାନ୍ତି। ଜଣେ ବଡପଣ୍ଡା ଗୋପୀନାଥ ମନ୍ଦିରର କାର୍ଯ୍ୟ ଶେଷ କରି ପ୍ରତ୍ୟହ ଜଗନ୍ନାଥ ମନ୍ଦିରକୁ ଆସୁଛନ୍ତି। ମନ୍ଦିର ଭୋର ୫ଟାରେ ଓ ଅପରାହ୍ନ ୫ଟାରେ ଖୋଲୁଥିଲା। ଏବେ ଭୋର ଓ ଅପରାହ୍ନ ସାଢ଼େ ୫ଟାରେ ଖୋଲିବାକୁ ନିର୍ଦ୍ଦେଶ ରହିଛି। ତେବେ ପ୍ରଶାସନର ନିର୍ଦ୍ଦେଶକୁ ଶୀତଳଭଣ୍ଡାରକୁ ଫୋପାଡି ପ୍ରାୟ ୧ ଘଣ୍ଟା ବିଳମ୍ବରେ ଖୋଲା ଯାଉଛି। ମନ୍ଦିର ନୀତି ମନଇଚ୍ଛା କରାଯାଉଛି। ନୟାଗଡ଼ରେ ବନବିଭାଗ ରଥ ନିର୍ମାଣ ପାଇଁ କାଠ ଦେବାକୁ ମନା କରିବା ପରେ ରଥ ନିର୍ମାଣରେ ଅନିଶ୍ଚିତତା ଦେଖା ଦେଇଥିଲା। ତେବେ ଭକ୍ତଙ୍କ ସହଯୋଗ କାରଣରୁ ରଥ ପାଇଁ କାଠ ଅଭାବ ରହିଲା ନାହିଁ। ତେବେ ବଳକା ରଥ ଓ ପୁରୁଣା ରଥର କାଠକୁ ବିକ୍ରି ଓ ଜାଳେଣି ରୁପେ ବ୍ୟବହାର ହେଉଛି। ଏନେଇ ମନ୍ଦିର ସୁପରଭାଇଜର ନକୁଳ ସାହୁ କୁହନ୍ତି, ଅବଢ଼ା ରୋଷେଇ କରୁଥିବା ଜବରଦଖଲକାରୀଙ୍କ ବିରୋଧରେ ଦେବୋତ୍ତର ବିଭାଗରେ ଅବଗତ କରାଯାଇଛି। ନୀଳଚକ୍ର ବାନା ବାନ୍ଧୁଥିବା ବ୍ୟକ୍ତି ଅସୁସ୍ଥ ଯୋଗୁ ବାନା ବାହାର କରାଯାଇ ପାରିନି। ନୀତିକାନ୍ତିରେ ବିଭ୍ରାଟ ନେଇ ମୋ ପାଖରେ ଖବର ନାହିଁ। ମନ୍ଦିର ଖୋଲିବା ବିଳମ୍ବ ହେଉଥିବାରୁ ତାଗିଦ୍ କରାଯାଇଥିବା କହିଛନ୍ତି। ନୟାଗଡ଼ ଦେବୋତ୍ତର ବିଭାଗର ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକ କୁହନ୍ତି, ଅଣନିଲାମଧାରୀଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଥିବାରୁ ଏନେଇ ଉପଜିଲାପାଳଙ୍କ ସହ ଆଲୋଚନା କରାଯାଇଛି। ମନ୍ଦିର ନୀତିକାନ୍ତି, ଖୋଲିବାରେ ବିଳମ୍ବ, ରଥ କାଠ ବିକ୍ରି, ୩ଟି ନୀଳଚକ୍ର ବାନା ଉଡିବା ନେଇ ତୁରନ୍ତ ଆଲୋଚନା କରି ପଦକ୍ଷେପ ନିଆଯିବ। ଉପଜିଲାପାଳ କର୍ଣ୍ଣଦେବ ସମାଦାରଙ୍କ ମୋବାଇଲ ନଂ. ୮୨୪୯୧୨୯୩୯୩କୁ ଯୋଗାଯୋଗ କରାଯାଇଥିଲା। ହେଲେ ଉପଜିଲାପାଳ ଫୋନ ଉଠାଇ ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



ନୀଳଚକ୍ରରେ ୩ ବାନା ଉଡୁଛି।



ମନ୍ଦିର ପରିସରରେ ରଖାଯାଇଥିବା କୁଡୁଆ।

# ଭାଜପାର ଗାଁକୁ ଚାଲ ଅଭିଯାନ



ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ସହ ଅନ୍ୟମାନେ।

ନୂଆଗାଁ,୩।୩(ଧନେଶ୍ୱର ସାହୁ)

ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ନୂଆଗାଁ ବ୍ଲକ ଗାତେରୀ ପଞ୍ଚାୟତଠାରେ ରବିବାର ଭାରତୀୟ ଜନତା ପାର୍ଟି ତରଫରୁ ଗାଁକୁ ଚାଲ ଓ ଲାଭାର୍ଥି ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଦଶପଲ୍ଲା ପୂର୍ବତନ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ନାୟକ, ରତ୍ନାକର ପ୍ରଧାନ, କିଶୋର ଚନ୍ଦ୍ର ଦଳବେହେରା, ସୁରେଶ ପ୍ରଧାନ, ବିପିନ କୁମାର ବେହେରା ପ୍ରମୁଖ ସାମିଲ ହୋଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଗାତେରି ପଞ୍ଚାୟତର ଆଡିପଡା, ଗାତେରୀ, ଚଣ୍ଡିଝରୀ ଆଦି ଗାଁକୁ ଯାଇ ବିଭିନ୍ନ କେନ୍ଦ୍ରୀୟ ଯୋଜନା ଲାଭାର୍ଥିମାନଙ୍କ ସହ ଯୋଗାଯୋଗ କରିବା ସହିତ ମୋଦି ସରକାର ୧୦ବର୍ଷ ମଧ୍ୟରେ କରିଥିବା ବିଭିନ୍ନ ବିକାଶ ମୂଳକ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଜଣାଇବା ସହ ଆଗାମୀ ଦିନରେ କିଭଳି କେନ୍ଦ୍ର ସରକାରଙ୍କଠାରୁ ଅଧିକ ଲଭ ଉଠାଇ ପାରିବା ସେ ବିଷୟରେ ଆଲୋଚନା କରାଯାଇଥିଲା ।

# ଅଟୋମେଟିକ ମିକ୍ସଚର ମେଶିନରେ ପଡ଼ି ଶ୍ରମିକ ମୃତ

ନୟାଗଡ଼,୩।୩(ଲୋକନାଥ ମିଶ୍ର)

- ସିମେଣ୍ଟ ଢ଼ାଳୁଥିବାବେଳେ ପଶିଗଲେ ଭିତରକୁ
- ଅଘଟଣ ପରେ ମାଛିପଡ଼ା ପ୍ଲାଣ୍ଟରେ ତାଲା

ନୟାଗଡ଼ ବାଇପାସ ପାଇଁ ସିମେଣ୍ଟ, ଗୋଡି ମିକ୍ସଚର ମେଶିନରେ ଫେଣ୍ଟା ଯାଉଥିବାବେଳେ ଏଆରଏସ୍‌ଏସ୍‌ର ମାଛିପଡା ପ୍ଲାଣ୍ଟରେ ଅଘଟଣ ଘଟିଛି। ମେଶିନରେ ସିମେଣ୍ଟ ଢ଼ାଳୁଥିବାବେଳେ ମେଶିନ ଭିତରକୁ ଜଣେ ଶ୍ରମିକ ଚାଲି ଯାଇ ପ୍ରାଣ ହରାଇଛନ୍ତି। ତାଙ୍କୁ କଟର ମେଶିନରେ କଟାଯାଇ ଉଦ୍ଧାର କରାଯାଇଥିଲା। ମୃତ ଶ୍ରମିକ ହେଲେ ବାସୁଦେବ ପ୍ରଧାନ(୫୩)। ଘର ନୂଆଗାଁ ଥାନାର ଆମ୍ବଝରି ଗାଁରେ। ବାସୁଦେବ ଜଣେ ଭଲ କାର ମରାମତି ମିସ୍ତ୍ରୀ। କରୋନା ସମୟରେ କାମ ହରାଇ ଘରକୁ ଫେରିଥିଲେ। ପରେ ଶ୍ରମିକ ଭାବେ କାମ କରୁଥିଲେ। ତାଙ୍କୁ ମିକ୍ସଚର ମେଶିନରୁ ବହୁ କଷ୍ଟରେ ଉଦ୍ଧାର କରାଯିବା ପରେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ଶ୍ରମିକ ମୃତ୍ୟୁ ପରେ ଏଆରଏସ୍‌ଏସ୍‌ର ମାଛିପଡା ପ୍ଲାଣ୍ଟରେ ତାଲା ଝୁଲୁଛି। କର୍ମଚାରୀମାନେ ଫେରାର ହୋଇ ଯାଇଛନ୍ତି। ଏ ଘଟଣା ଜଣାପଡିବା ପରେ ଉତ୍ତେଜନା ପ୍ରକାଶ ପାଇଛି। ଅଭିଯୋଗ ପାଇ ନୟାଗଡ଼ ଟାଉନ ଥାନା ପୋଲିସ ମାମଲା (ନଂ.୬୯/୨୪) ରୁଜୁ କରି ଘଟଣା ତଦନ୍ତ କରୁଛି। ଅନ୍ୟପକ୍ଷେ ସୋମବାର ଶ୍ରମିକଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରୋମି



@ ସ୍ମିତରଞ୍ଜନ



@ ଚନ୍ଦନ



@ ପ୍ରକାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବାସ୍ତବ ଜୀବନ, ମଞ୍ଚ ଦୁନିଆର ତୁଳନାତ୍ମକ ସମୀକ୍ଷା କଲା ମଞ୍ଚମାୟା

ନୟାଗଡ଼,୩।୩(ଲୋକନାଥ ମିଶ୍ର)

## ରାଜ୍ୟସ୍ତରୀୟ ନାଟ୍ୟମେଳାର ତୃତୀୟ ସନ୍ଧ୍ୟା

ନୟାଗଡ଼ ଜିଲାର ନାଟ୍ୟସଂସ୍ଥା ନାଟ୍ୟଧାରା ଏବଂ ଜିଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ୪ର୍ଥ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିଲା ମଞ୍ଚମାୟା। ରବିବାର ସନ୍ଧ୍ୟାରେ ସ୍ଥାନୀୟ ପଠାଣି ସାମନ୍ତ ଅଡ଼ିଟୋରିୟମଠାରେ ମଞ୍ଚସ୍ଥ ହୋଇଥିବା ନାଟକରେ ଜଣେ ସଚ୍ଚୋଟ କଳାକାରଙ୍କ ଆତ୍ମଲିପିକୁ ନିଖୁଣ ଭାବେ ଅଭିନୟ ମାଧ୍ୟମରେ ପରିପ୍ରକାଶ କରାଯାଇଛି। ଦୁନିଆର ସମସ୍ୟା ସବୁବେଳେ ମଞ୍ଚ ଦୁନିଆକୁ ଆଘାତ କରେ। ମାତ୍ର ମଞ୍ଚ ଦୁନିଆ କେବେ ମଧ ବାସ୍ତବ ଦୁନିଆକୁ ପ୍ରଭାବିତ କରିପାରେନା। ମଞ୍ଚମାୟାରେ କଳାକାରଟି ଭୁଲିଯାଏ ନିଜ ସଂସାର କଥା ଓ ଦାୟିତ୍ୱ କ'ଣ। 'ମଞ୍ଚମାୟା'ରେ ଜଣେ କଳାକାରର ବାସ୍ତବ ଜୀବନ ଏବଂ ମଞ୍ଚ ଦୁନିଆ ମଧରେ ଏକ ତୁଳନାତ୍ମକ ପରିପ୍ରକାଶ କଳାକାରମାନଙ୍କ ନିଖୁଣ ଅଭିନୟ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା, ଯାହାକି ଦର୍ଶକମାନଙ୍କୁ କିଛି ସମୟ ପାଇଁ ଚିନ୍ତାରେ ପକାଇ ଦେଇଥିଲା।

ଉକ୍ତ ନାଟକକୁ ବିଶିଷ୍ଟ ନାଟ୍ୟକାର ସଞ୍ଜୟ କୁମାର ହାତୀ ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ଧୀର ବଶା। ଓମ୍ ନାଟ୍ୟ ସଂସ୍ଥା,ବାରିପଦା ପକ୍ଷରୁ ମଞ୍ଚସ୍ଥ ଏହି ନାଟକରେ ଅତିଥି ଭାବେ ନୟାଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ଯୋଗଦାନ କରିଥିବା ବେଳେ ନାଟ୍ୟଧାରା ପରିବାର ପକ୍ଷରୁ ସଭାପତି ପ୍ରମୋଦ ପଟ୍ଟନାୟକ,ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର,ନାଟ୍ୟ ନିର୍ଦ୍ଦେଶକ ବିଜୟ କୁମାର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।



ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

# ବିପ୍ଳବ କରେ ଓ ହୃଦୟକୁ ତରଳାଇଦିଏ ସାହିତ୍ୟ

ନୟାଗଡ଼,୩।୩(ଲୋକନାଥ ମିଶ୍ର)

## ନୟାଗଡ଼ ବଲାଙ୍ଗୀ ପାର୍କରେ ସାହିତ୍ୟ ଉତ୍ସବ

ବିପ୍ଳବ କରେ, ହୃଦୟକୁ ତରଳାଇଦିଏ ସାହିତ୍ୟ। ପୁଣି ହୃଦୟକୁ ଯୋଡ଼ିଥାଏ, ମଣିଷ ଭିତରେ ମଣିଷପଣିଆ ଭରିଥାଏ ବୋଲି ନୟାଗଡ଼ର ବଲାଙ୍ଗୀ ବନ୍ଧ ପ୍ରମୋଦ ଉଦ୍ୟାନ ପରିସରରେ ରବିବାର ତୃତୀୟ ନୟାଗଡ଼ ସାହିତ୍ୟ ଉତ୍ସବକୁ ଉଦ୍‌ଘାଟନ କରି ନୟାଗଡ଼ ବିଧାୟକ ଅରୁଣ ସାହୁ କହିଛନ୍ତି। ଓଡ଼ିଆ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଆୟୋଜିତ ସାହିତ୍ୟ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାୟ କହିଥିଲେ ଆତ୍ମ ଅନୁଶୀଳନ ଓ ଆତ୍ମ ପରିବର୍ତ୍ତନ ଉପରେ ଗୁରୁତ୍ୱ ଦେବା ଦରକାର। ସାହିତ୍ୟିକମାନେ ହିଁ ଏହା କେବଳ କରିପାରିବେ ବୋଲି ମତବ୍ୟକ୍ତ କରି ସହଯୋଗ ଲୋଡିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ କଥାଶିଳ୍ପୀ ଗୌରହରି ଦାସ ଯୋଗ ଦେଇ କହିଲେ, ବିଶ୍ୱକୁ ଦୟା ଓ କରୁଣା ଶିକ୍ଷା ଦେଇଛି ଓଡ଼ିଆ ସାହିତ୍ୟ। ନାରୀବାଦ ଓ ଜାତିବିରୋଧୀ ଆନ୍ଦୋଳନର ଶତାବ୍ଦୀ ଶତାବ୍ଦୀ ପୂର୍ବରୁ ଆମର ନମସ୍ୟ କବି ବଳରାମ ଦାସ ଲକ୍ଷ୍ମୀପୁରାଣ ମାଧ୍ୟମରେ ମାନବିକତା ଓ ସମତାର ବାର୍ତ୍ତା ବାଣ୍ଟି ଥିବାର ନଜିର ରଖିଥିଲେ। ଓଡ଼ିଆ ମିଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରତିଷ୍ଠାତା ନିର୍ଦ୍ଦେଶକ ଶୁଭ୍ରାଂଶୁ ପଣ୍ଡା ଉଦ୍‌ଘାଟନୀ ସଭାରେ ସଭାପତିତ୍ୱ କରି କହିଥିଲେ ଯେ ନୟାଗଡ଼ ଲେଖକଙ୍କ ମଧ୍ୟରେ ସଦ୍‌ଭାବ ,ଭାଇଚାରା ଓ ସେମାନଙ୍କୁ ରାଜ୍ୟର ପ୍ରମୁଖ ସାହିତ୍ୟିକଙ୍କ ସହ ଯୋଡ଼ିବା ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ।

ଉଦ୍‌ଘାଟନୀ ସଭା ପରେ 'ସାହିତ୍ୟରୁ ପ୍ରାପ୍ତି' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ସାହିତ୍ୟିକ ବିଜୟ କୁମାର ଚୌଧୁରୀ, ତପନ କୁମାର ପଣ୍ଡା, ଅଶୋକ କୁମାର ନାୟକ, ବିଶ୍ୱନାଥ ମହାପାତ୍ର ଓ ବାନାମ୍ବର ପୃଷ୍ଟିଯୋଗ ଦେଇ ଅନେକ ଉପାଦେୟ ବିଷୟ ଉପରେ ଟିପ୍ପଣୀ ଦେଇଥିଲେ। ସେହିଭଳି 'ସାହିତ୍ୟର କୁହୁକ, ତାରୁଣ୍ୟର ମହକ'ଶୀର୍ଷକ ଅନୁରୂପ ଆଲୋଚନା ଚକ୍ରରେ ଯୁବ ଲେଖକ ମିୟୋଗ ରଞ୍ଜନ ପାତ୍ର, ରଜତ କୁମାର ମିଶ୍ର, ସ୍ୱରୂପ କୁମାର ନାୟକ ଓ ସ୍ୱୟଂସମ୍ପନ୍ନା କର ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। ସାହିତ୍ୟିକ ହାଡ଼ିବନ୍ଧୁ ମହାଖୁଡ଼ଙ୍କ ସଭାପତିତ୍ୱରେ ଆୟୋଜିତ ବ୍ୟଙ୍ଗ ସମ୍ପାଦନରେ ବକ୍ତବ୍ୟ ରଖିଥିଲେ ଗଦାଧର ନନ୍ଦ ଓ ଡ. ଗିରିଶ ରଞ୍ଜନ। ମୁଖ୍ୟ ମଞ୍ଚ ବାହାରେ ଅନ୍ୟ ଏକ ସମାନ୍ତରାଳ ମଞ୍ଚରେ ୫ଟି କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୨୨୩ ଜଣ କବି ନିଜସ୍ୱ କବିତା ଆବୃତ୍ତି କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ। ଏଥିରେ ବିଶିଷ୍ଟ ନାଟ୍ୟକାର ରାମଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିବାବେଳେ ବିଶିଷ୍ଟ ସାହିତ୍ୟିକ ମିହିର କୁମାର ସାହୁ ଓ ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏ ଅବସରରେ କବିତା ପାଠ କରିଥିବା କବିମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସ୍ମୃତି ଫଳକ ଓ ଉପଢ଼ୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କବିତା ପାଠୋତ୍ସବରେ ପ୍ରଧାନି ବୃନ୍ଦାବନ ମହାପାତ୍ର, ବସିରନ ବିବି, ଆଶୁତୋଷ ମିଶ୍ର, ଗୋଦାବରୀଶ ମିଶ୍ର, କୈଳାଶ ବାଣ୍ଡ, ବିରଞ୍ଚି ନାରାୟଣ ତ୍ରିପାଠୀ, ସୁକାନ୍ତି ମହାନ୍ତି, ମହମ୍ମଦ ଆଜାଦ, ଶରତ ଚନ୍ଦ୍ର ଆଚାର୍ଯ୍ୟ, ନିର୍ମଳ ଚନ୍ଦ୍ର ଶୂରଦେଓ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କବିତା ଆସରକୁ ସଂଯୋଜନା କରିଥିଲେ ଯଜ୍ଞଦତ୍ତ ରଥ, କାଦମ୍ବିନୀ ମହାପାତ୍ର, ଶ୍ରାବଣୀ ନାଥ, ଯଶୋବନ୍ଦ ପଟ୍ଟନାୟକ, ଜୟଶ୍ରୀ ଦେବୀ, ରଞ୍ଜନ କୁମାର ଦାଶ, ସ୍ମିତା ସ୍ୱାଇଁ, ନୀଳିମା ନନ୍ଦ ଓ ଗୋପୀନାଥ ସେଠୀ। କବି ଓ ସଙ୍ଗଠକ ଶେଖ୍ ଅବଦୁଲ ଖାଲିକଙ୍କ ଧନ୍ୟବାଦ ପରେ ସଭା ଶେଷ ହୋଇଥିଲା। ଉତ୍ସବରେ ନୟାଗଡ଼ ଜିଲା ଓ ଆଖପାଖ ଜିଲାରୁ ୭୦୦ରୁ ଅଧିକ ଲେଖକ ଓ ସାହିତ୍ୟ ଅନୁରାଗୀ ଯୋଗ ଦେଇଥିଲେ।



ଉଦ୍‌ଘାଟନୀ ଉତ୍ସବରେ କଥାକାର ହାଡ଼ିବନ୍ଧୁ ମହାଖୁଡ଼ଙ୍କ ଗଳ୍ପ ସଂକଳନ ନିଆରା କଥାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ଆଦର୍ଶ ପ୍ରବେଶିକା ପରୀକ୍ଷାରେ ଛାତ୍ରୀଛାତ୍ରଙ୍କ କୃତିତ୍ୱ

କୁଜଙ୍ଗ ୩।୩ (ମନୋଜ ପ୍ରଧାନ)

କୁଜଙ୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୦ଜଣ ଛାତ୍ରୀଛାତ୍ର ୨୦୨୪-୨୫ ଶିକ୍ଷା ବର୍ଷପାଇଁ ଅନୁଷ୍ଠିତ ଆଦର୍ଶ ପ୍ରବେଶିକା ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ଆଦର୍ଶ ବିଦ୍ୟାଳୟରେ ପଢିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନେ ହେଲେ ଆଦର୍ଶ ଆୟୁଷ୍ମାନ ମଲ୍ଲ, ଅଶ୍ମିତ କୁମାର ନାଥଶର୍ମା, ପ୍ରିନ୍‌ସ ପ୍ରତ୍ୟୁଷ ଦଳାଇ, ସାଇ କ୍ରିଷ୍ଣା ସାହୁ, ବିନାୟକ ସାମଲ, ସାଇଶାଶ୍ୱତ ରାଉତ, ସ୍ୱପ୍ନାଲି ପ୍ରିୟ ଦର୍ଶିନୀ, ଲକ୍ଷ୍ମୀପ୍ରିୟା ସାମନ୍ତରାୟ, କାନୁନଗୋ ସ୍ୱୟଂଶ୍ରୀ ପଟ୍ଟନାୟକ, ଅନନ୍ୟା ଅଭିଲିପ୍‌ସା ସାହୁ। ଏନେଇ ଶିକ୍ଷାବିତ୍‌ମାନେ ଖୁସିବ୍ୟକ୍ତ କରିଛନ୍ତି। ଏନେଇ ଶିଶୁ ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ରଜନୀକାନ୍ତ ଦାସ, ସମ୍ପାଦକ କରୁଣାକର ସାହୁ, ସହ ସମ୍ପାଦକ ଶରତ ସାମନ୍ତରା ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଇଓଙ୍କ ବଦଳି ପରେ ଉନ୍ନୟନ କାର୍ଯ୍ୟ ଠପ୍

ଜଗତ୍‌ସିଂହପୁର, ୩।୩ (ପ୍ରମୋଦ କୁମାର ନାୟକ)




**ଜଗତ୍‌ସିଂହପୁର ପୌର ପରିଷଦ**

- ଅତିରିକ୍ତ ଦାୟିତ୍ୱରେ ଥିବା ତହସିଲଦାରଙ୍କ ଆଗ୍ରହ ନାହିଁ
- ନିର୍ବାଚନ ପୂର୍ବରୁ ସରକାରଙ୍କ ଉଦ୍ଦେଶ୍ୟ ବାଟବଣା

୨୦୨୪ ସାଧାରଣ ନିର୍ବାଚନ ପାଖେଇ ଆସିଲାଣି। ଆଉ ମାତ୍ର କେଇଟା ଦିନ ପରେ ନିର୍ବାଚନ ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ ପାଇବ। ତା'ପୂର୍ବରୁ ରାଜ୍ୟ ସରକାର ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନକୁ କ୍ଷିପ୍ର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଗତ ଫେବୃଆରୀ ୮ରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ରଞ୍ଜନ କୁମାର ଦାସ ଦିନିକିଆ ଜଗତ୍‌ସିଂହପୁର ଗସ୍ତରେ ଆସି ଏ ସମ୍ପର୍କରେ ସ୍ପଷ୍ଟ କରିଥିଲେ। ସେ କହିଥିଲେ, ନିର୍ବାଚନ ପୂର୍ବରୁ ଯେଉଁ କାମ ହେବା କଥା ସେଗୁଡିକର କାର୍ଯ୍ୟାଦେଶ ତୁରନ୍ତ ଦେଇଦିଅ। ଆଉ ଯେଉଁମାନଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି ସେ କ୍ଷେତ୍ରରେ କାମ ତ୍ୱରାନ୍ୱିତ କର। ବଡ଼କଥା ହେଲା କାର୍ଯ୍ୟ କଲାବେଳେ ଲୋକମାନଙ୍କ ବିଶ୍ୱାସଭାଜନ ହେବା ପାଇଁ ଚେଷ୍ଟା କର। ବୈଠକରେ ଜିଲାପାଳ ଓ ବିଭାଗୀୟ ଅଧିକାରୀଙ୍କୁ ଆର୍‌ଡିସି ଏଭଳି ପରାମର୍ଶ ଦେଇଥିଲେ। କିନ୍ତୁ ଜଗତ୍‌ସିଂହପୁର ପୌର ପରିଷଦ କ୍ଷେତ୍ରରେ ତା'ର ବ୍ୟତିକ୍ରମ ଲକ୍ଷ୍ୟ କରାଯାଉଛି।

ଭାରତ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ,ଅଧିକାରୀମାନେ ନିଜ ସଂସଦୀୟ କ୍ଷେତ୍ର ମଧ୍ୟରେ ରହିପାରିବେ ନାହିଁ। ଏହି ଆଧାରରେ ଜଗତ୍‌ସିଂହପୁର ପୌର ପରିଷଦର ନବ ନିଯୁକ୍ତ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ବଡୁଙ୍କ ଘର ଜଗତ୍‌ସିଂହପୁର ଏମ୍‌ପି ସିଟ୍ ଅନ୍ତର୍ଗତ ନିଆଳି ବିଧାନସଭା ଅଞ୍ଚଳରେ ହୋଇଥିବାରୁ ତାଙ୍କର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ବଦଳି ହୋଇଛି। କିନ୍ତୁ ତାଙ୍କ ସ୍ଥାନରେ କିଏ ଜଗତ୍‌ସିଂହପୁର ପୌର ପରିଷଦ ଆସିବେ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ନ ହେବା ବିସ୍ମୟ ସୃଷ୍ଟି କରିଛି। ବଡୁ ପାଖାପାଖି ୧ ସପ୍ତାହ ହେବ ଦାୟିତ୍ୱ ହସ୍ତାନ୍ତର କଲେଣି। ତାଙ୍କ ସ୍ଥାନରେ ଜଗତ୍‌ସିଂହପୁର ତହସିଲଦାର ତାରେଣୀ ରଞ୍ଜନ ରାୟଙ୍କୁ ଅସ୍ଥାୟୀ ଭାବେ ଦାୟିତ୍ୱ ଦିଆଯାଇଛି। କିନ୍ତୁ ତାଙ୍କୁ ଏ ପର୍ଯ୍ୟନ୍ତ ଆର୍ଥିକ କାରବାର କ୍ଷମତା ଦିଆଯାଇନାହିଁ। ଯେଉଁ କାରଣରୁ ପରିଷଦ କର୍ମଚାରୀଙ୍କ ଦରମା ଓ ସଫେଇ କର୍ମଚାରୀଙ୍କ ପାରିଶ୍ରମିକ ଆଦି ଦିଆଯାଇ ପାରୁନାହିଁ। କେବଳ ଏତିକି ନୁହେଁ, ଜରୁରୀ କାରଣରୁ ହୋଇଥିବା ଶ ଟ୍ ଟେଣ୍ଡରଗୁଡିକ ଖୋଲାଯାଇ ପାରୁନାହିଁ। ରାୟ ଅଧିକ ବୋଝ ଓ ଚାପଗ୍ରସ୍ତ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ତେଣୁ ପରିଷଦରେ ପୂର୍ଣ୍ଣକାଳୀନ ସମୟ ଦେଇପାରୁ ନ ଥିବାରୁ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଏ ସମ୍ପର୍କରେ ପୌରାଧକ୍ଷା ଅର୍ଚ୍ଚନା ସିଂହଙ୍କୁ ପଚାରିବାରୁ ରାୟ ସମୟ ଦେଇପାରୁ ନ ଥିବାରୁ ତାଙ୍କ ପାଖରେ ଏକାଧିକ ଫାଇଲ ପଡ଼ି ରହିଛି। ତେଣୁ ତୁରନ୍ତ ଦେଖା ଦେଇଥିବା ସମସ୍ୟାର ସମାଧାନ ପାଇଁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ରାୟଙ୍କୁ ପଚାରିବାରୁ ନୂଆ ସ୍ଥାୟୀ ନିର୍ବାହୀ ଅଧିକାରୀ ଖୁବ୍‌ଶୀଘ୍ର ଆସିବାର ଥିବାରୁ ତାଙ୍କୁ ଆର୍ଥିକ କାରବାର କ୍ଷମତା ଦିଆଯାଇନାହିଁ। ଯଦି ବିଳମ୍ବ ହେବ ତେବେ ଜିଲାପାଳ ତାଙ୍କୁ ଏହି କ୍ଷମତା ଦେଇଦେବେ ବୋଲି କହିଛନ୍ତି। ତେବେ ଦେଖିବାର ଅଛି ସରକାର ଏହାର ପ୍ରତିକାର ପାଇଁ କି ପଦକ୍ଷେପ ନେଉଛନ୍ତି।

## ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସ୍ୱାସ୍ଥ୍ୟ ଶିବିର



ଡାକ୍ତର ରୋଗୀଙ୍କ ଚିକିତ୍ସା କରୁଛନ୍ତି।

ଏରସମା,୩।୩ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ପଏଦା ପଞ୍ଚାୟତସ୍ଥିତ ଅଲଣାଭାସ ଛକ ନିକଟରେ ଆଞ୍ଚଳିକ ବରିଷ୍ଠ ନଗରିକ ମଞ୍ଚ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଏସ୍‌ସିବି ମେଡିକାଲ କଲେଜର ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ପ୍ରଫେସର ଶୈଳଜା ନନ୍ଦନ ପରିଡ଼ା ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଅଞ୍ଚଳର ଶତାଧିକ ଶିଶୁ ଶିବିରରେ ଉପସ୍ଥିତ ହୋଇ ଚିକିତ୍ସିତ ହୋଇଥିଲେ। ଏଥିସହ ସାମାଜିକ କର୍ମୀ ଜିତେନ୍ଦ୍ର ସେନାପତିଙ୍କ ପ୍ରଚେଷ୍ଟାରେ ଇଶାନ ମେଡିସିନ ପକ୍ଷରୁ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ଏଥିରେ ଅସ୍ଥିଶଲ୍ୟ ବିଭାଗ ଡା. ଶକ୍ତିପ୍ରସାଦ ଦାସ, ଭେଷଜ ଡା. ସଚିନ ତ୍ରିପାଠୀ, କ୍ୟାନ୍‌ସର ବିଭାଗର ଡା. ଅରୁଣାଶିଷ ମଲ୍ଲିକ, ସ୍ତ୍ରୀରୋଗ ବିଶେଷଜ୍ଞ ଡା.ଭାଗ୍ୟଲକ୍ଷ୍ମୀ ନାୟକ, ଫିଜିଓଥେରାପିଷ୍ଟ ଇନ୍ଦ୍ରମଣି ରଣା ପ୍ରମୁଖ ଉପସ୍ଥିତ ହୋଇ ରୋଗୀ ଦେଖିବା ସହ ଚିକିତ୍ସା କରିଥିଲେ। ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତାମାନେ ଏହାକୁ ପରିଚାଳନା କରିଥିଲେ।

## ହାଇମାଷ୍ଟ ଲାଇଟ୍ ପିଣ୍ଡିକୁ ନେଇ ବଢୁଛି ଟ୍ରାଫିକ୍ ସମସ୍ୟା

ପାଣିକୋଇଲି,୩।୩(ବିକାଶ ମଲ୍ଲିକ)

୧୬ ଓ ୨୦ ନମ୍ବର ଜାତୀୟ ରାଜପଥର ସଂଯୋଗସ୍ଥଳ ପାଣିକୋଇଲି ହୋଇଥିବାରୁ ଏହା ମଧ୍ୟଦେଇ ପ୍ରତିଦିନ ଜିଲା ଓ ରାଜ୍ୟ ବାହାରକୁ ବହୁ ଗାଡ଼ି ଚଳାଚଳ କରୁଛି। ଏତଦ୍‌ବ୍ୟତୀତ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଭାରୀଯାନ ଯିବା ଆସିବା କରିବା ସହିତ କେନ୍ଦୁଝର ଜିଲାର ଯୋଡ଼ା, ବଡ଼ବିଲରୁ ପ୍ରତିଦିନ ଲୁହାପଥର ବୋଝେଇ ଟ୍ରକ ପାଣିକୋଇଲି ମଧ୍ୟ ଦେଇ ପାରାଦୀପ ଓ ଧାମରା ବନ୍ଦର ସମେତ ଅନ୍ୟ ରାଜ୍ୟ ଅଭିମୁଖେ ଯାଉଛି। ଫଳରେ ପାଣିକୋଇଲିଠାରେ ଟ୍ରାଫିକ ସମସ୍ୟା ବଢ଼ି ଚାଲିଛି। ଏଥିପାଇଁ ପାଣିକୋଇଲି ଥାନା ପକ୍ଷରୁ ନିୟୋଜିତ କର୍ମଚାରୀଙ୍କୁ ଟ୍ରାଫିକ ନିୟନ୍ତ୍ରଣ ଲାଗି ନାକେଦମ ହେବାକୁ ପଡୁଛି। ପାଣିକୋଇଲି ବଜାର ଉପରେ ପ୍ରତ୍ୟେହ ସନ୍ଧ୍ୟା ୫ରୁ ରାତି ୧୦ଟା ପର୍ଯ୍ୟନ୍ତ ଯାନବାହନର ଅସମ୍ଭବ ଭିଡ଼ ଲାଗିରହୁଛି। ଏଥିଲାଗି ଅନ୍ୟତମ ବାଧକ ସାଜିଛି ପାଣିକୋଇଲି ବଜାର ଉପରେ ସଦ୍ୟ ବାହାର କରାଯାଇଥିବା ହାଇମାଷ୍ଟ ଲାଇଟର କଂକ୍ରିଟ ପିଣ୍ଡି। ଦୀର୍ଘବର୍ଷ ଧରି ଏହା ଅଚଳ ହୋଇ ପଡ଼ିଥିଲା। ଏନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ସହ ସ୍ଥାନୀୟ ଯୁବନେତା ରାକେଶ ସାହୁଙ୍କ ଉଦ୍ୟମରେ ଉକ୍ତ ଲାଇଟଟିକୁ ଅପସାରଣ କରାଯାଇଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଲାଇଟପୋଷ୍ଟକୁ ହଟାଇ ଅଚିନ୍ତାରେ ଅଛନ୍ତି। ଉକ୍ତ ଲାଇଟର ପିଣ୍ଡିକୁ ଦିନେ ଦୁଇ ଦିନ ମଧ୍ୟରେ ଅପସାରଣ କରାଯିବ ବୋଲି କଥାଦେଇ ବିଭାଗୀୟ କର୍ମକର୍ତ୍ତାଙ୍କ ଦେଖାଦର୍ଶନ ନାହିଁ। ଏ ସମ୍ପର୍କରେ ରାଜପଥ ଉଚ୍ଚ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ନେବା ଲାଗି ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଉନାହାନ୍ତି। ଫଳରେ ଲାଇଟ୍ ପୋଷ୍ଟର ପିଣ୍ଡିକୁ ନେଇ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହିତ ଦୁର୍ଘଟଣା ମଧ୍ୟ ଘଟୁଛି। ତେଣୁ ଉକ୍ତ ଲାଇଟ ପୋଷ୍ଟର କଂକ୍ରିଟ ପିଣ୍ଡିକୁ ବଜାର ଉପରୁ ହଟାଯିବା ସହିତ ବଜାରର ଉଭୟ ପାର୍ଶ୍ୱରେ ୨ ଟ୍ରାଫିକ ପୋଷ୍ଟ ନିର୍ମାଣ ଲାଗି ସାଧାରଣରେ ଦାବି ହୋଇଛି।

## ସେବା ମନୋବୃତ୍ତି ନେଇ ରାଜନୀତିକୁ ଆସିବା ଦରକାର

ନାଉଗାଁ,୩।୨(ସୁଧା ବେହୁରା)

**ବିଜେଡିର ଘରେ ଘରେ ଶଙ୍ଖ, ପରିବାର ସମ୍ପର୍କ ଅଭିଯାନ**



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଦଳୀୟ ନେତା ଓ କର୍ମୀମାନେ।

ସେବା ମନୋବୃତ୍ତି ନେଇ ରାଜନୀତିକୁ ଆସିବା ଦରକାର। କିନ୍ତୁ ବର୍ତ୍ତମାନ ଜଗତ୍‌ସିଂହପୁର ବିଧାନ ସଭା ନିର୍ବାଚନ ମଣ୍ଡଳୀରେ ରାଜନୀତି ବ୍ୟବସାୟ କେନ୍ଦ୍ରିକ ହୋଇଯାଇଛି ବୋଲି ରବିବାର ପୂର୍ବତନ କାଜୁ ନିଗମ ଅଧକ୍ଷ ଅମରେନ୍ଦ୍ର ଦାସ କହିଛନ୍ତି। ସେ ନାଉଗାଁ ବ୍ଲକ ସାଧୁ ଗୋସ୍ୱାମୀ ପୀଠ ସମ୍ମୁଖ ପଡ଼ିଆରେ ବିଜେଡିର ଘରେ ଘରେ ଶଙ୍ଖ, ପରିବାର ସମ୍ପର୍କ ଅଭିଯାନରେ ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ସେ ଆହୁରି କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସମସ୍ତେ ଅବଗତ ଅଛନ୍ତି। ନାରୀ ସଶକ୍ତୀକରଣ, ଆମ ଓଡ଼ିଶା ନବୀନ ଓଡ଼ିଶା, ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକ ୫-ଟି ଯୋଜନା ମାଧ୍ୟମରେ ରୂପାନ୍ତରୀକରଣ, ମହିଳା ସ୍ୱୟଂ ସହାୟିକା ଦଳକୁ ଋଣ ପ୍ରଦାନ, ତଥା ସାଧାରାଣ ଲୋକ ଙ୍କର ଯାହା ଆବଶ୍ୟକତା ରହିଛି ସେଥିପ୍ରତି ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଆଗାମୀ ବିଧାନ ସଭା ନିର୍ବାଚନରେ ଟିକେଟ ସମ୍ପର୍କରେ ପଚାରିବାରେ, ଜଗତ୍‌ସିଂହପୁରବାସୀ ମୁଖ୍ୟମନ୍ତ୍ରୀଙ୍କ ଉପରେ ବିଶ୍ୱାସ ରଖିଛନ୍ତି। ଏ ଅଞ୍ଚଳର ସମସ୍ୟା,ଏଇ ମାଟିର ଲଢେଇ ପାଇଁ ତାଙ୍କୁ ସୁଯୋଗ ମିଳିବ ବୋଲି ଅମରେନ୍ଦ୍ର ଆଶାବ୍ୟକ୍ତ କରିଥିଲେ। ଆଗାମୀ ବିଧାନ ସଭା ନିର୍ବାଚନରେ ଆମେ ସମସ୍ତେ ଏକଜୁଟ ହେବା ସହ ଜନସାଧାରଣଙ୍କ ସହମତିରେ ଅମରେନ୍ଦ୍ର ଦାସଙ୍କୁ ଟିକେଟ ଦେବା ପାଇଁ ତାଙ୍କ ସମର୍ଥକମାନେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧକ୍ଷଙ୍କୁ ନିବେଦନ କରିଥିଲେ। ବିପିନ ବିହାରୀ ବେହେରାଙ୍କ ଅଧକ୍ଷତାରେ ଉକ୍ତ ସଭାରେ ପର୍ଶୁରାମ ଜେନା,ବିଷ୍ଣୁ ଦାସ, ଯୁଧିଷ୍ଠିର ସ୍ୱାଇଁ, ସୁଶାନ୍ତ ମଲ୍ଲିକ, ତପୋଧନ ସ୍ୱାଇଁ, ପବିତ୍ର ରାଉତ, କାଦମ୍ବିନୀ ସାହୁ, ପ୍ରଭାସିନୀ ବେହେରା, ତାପସ ଦାସ,ରବୀନ୍ଦ୍ର ଲେଙ୍କା, ପ୍ରସନ୍ନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ଅମରେନ୍ଦ୍ର ଅଲଣାହାଟସ୍ଥିତ ନୂଆପାଟଣା ଛକରୁ ଏକ ବାଇକ ଶୋଭାଯାତ୍ରାରେ ସମର୍ଥକମାନଙ୍କ ଗହଣରେ ଆସି ବ୍ଲକ ଛକସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସଭା ସ୍ଥଳକୁ ଯାଇଥିଲେ। ସେଠାରେ ତାଙ୍କୁ ଫୁଲହାର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ପୂର୍ବତନ ବ୍ଲକ ଅଧକ୍ଷ ପ୍ରସନ୍ନ ସ୍ୱାଇଁ, ପୂର୍ବତନ ବ୍ଲକ ଉପାଧକ୍ଷ ଲକ୍ଷ୍ମୀକାନ୍ତ ସ୍ୱାଇଁ, ନାଉଗାଁ ପଞ୍ଚାୟତ ପୂର୍ବତନ ସରପଞ୍ଚ ପ୍ରଭାସିନୀ ବେହେରା, ରୋହିଆ ପଞ୍ଚାୟତ ପୂର୍ବତନ ସରପଞ୍ଚ ଧନେଶ୍ୱର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶିଖର ପଞ୍ଚାୟତର ଶରତ ଚନ୍ଦ୍ର ବାରିକ, ଦୀପକ ସ୍ୱାଇଁ, ଶକୁନି ଦାସ, କମଳ ଲୋଚନ ଦାସ, ବାବାଜୀ ଦାସ, ମାମିନା ଦାସ, ଅମର ମଲ୍ଲିକ, ଅଭିରାମ ଭୋଇ ଓ ନାଉଗାଁର ରମେଶ ଚନ୍ଦ୍ର ରଥ ପ୍ରମୁଖ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିଲେ।

## ଗହଣା ଦୋକାନରୁ ଚୋରି ଉଦ୍ୟମ

ଢେଙ୍କିକୋଟ, ୩।୩ (ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ବଜାରରେ ଥିବା ବିଶ୍ୱକର୍ମା ଜୁଏଲେରି ଦୋକାନରୁ ଶନିବାର ବିଳମ୍ବିତ ରାତିରେ ଚୋରି ଉଦ୍ୟମ ହୋଇଛି। ଚୋରମାନେ ଗ୍ରୀଲ୍ ତାଡ଼ି ସଟର ତାଲା କାଟି ସ୍କାଏଲାଇଟ ଭାଙ୍ଗି ଚୋରି ଉଦ୍ୟମ କରି ବିଫଳ ହୋଇଛନ୍ତି। ସୂଚନା ଅନୁଯାୟୀ, ରବିବାର ସକାଳେ ପାଖ ଦୋକାନ ମାଲିକ ଦୋକାନ ଖୋଲିଲା ବେଳେ ଜୁଏଲେରି ଦୋକାନ ଗ୍ରୀଲ ତଡ଼ା ଯାଇ ସଟର ତାଲା କଟାଯାଇଥିବା ଦେଖିଥିଲେ। ସେ ଜୁଏଲୋର ଦୋକାନୀ ବିଶ୍ୱନାଥ ରଣାଙ୍କୁ ଖବର ଦେଇଥିଲେ। ସେ ଆସି ଦେଖିବା ପରେ ଚେତାଶୂନ୍ୟ ହୋଇଯାଇଥିଲେ। ଚେତା ଫେରିବା ପରେ ଦୋକାନ ଭିତରକୁ ଯାଇ ସୁନାଗହଣା ସୁରକ୍ଷିତ ଥିବା ଦେଖିଥିଲେ। ଚୋରମାନେ ଦୋକାନ ଭିତରକୁ ପଶି ସୁନାଗହଣା ଚୋରି କରିପାରି ନାହାନ୍ତି। ସେ ଏନେଇ ଢେଙ୍କିକୋଟ ପୋଲିସ ବିଟ୍‌ହାଉସ ଅଧିକାରୀଙ୍କୁ ଜଣାଇଥିଲେ। ବିଟ୍‌ହାଉସ ଅଧିକାରୀ ତ୍ରିନାଥ ନାୟକ ସଦଳବଳ ପହଞ୍ଚି ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ ବାହାର କରି ତଦନ୍ତ କରୁଛନ୍ତି। ସେ ନିଜେ ଶନିବାର ରାତିରେ ପାଟ୍ରୋଲିଂ କରି ପ୍ରାତଃ ୫ ଟାରେ ଘରକୁ ଫେରିଥିବା କହିଥିଲେ। ପୋଲିସ ପାଟ୍ରୋଲିଂ ଗାଡ଼ି ଦେଖି ଚୋର ମାନଙ୍କ ଚୋରି ଉଦ୍ୟମ ବିଫଳ ହୋଇଥିବା କୁହାଯାଉଛି। ତେବେ ଢେଙ୍କିକୋଟରେ ଥାନା ପ୍ରତିଷ୍ଠା ପାଇଁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ସରକାର କର୍ଣ୍ଣପାତ ନ କରିବା ଆଗାମୀ ନିର୍ବାଚନରେ ଜବାବ ଦିଆଯିବ ବୋଲି ଢେଙ୍କିକୋଟ ବଣିକ ସଂଘ ସଭାପତି ରାଜକିଶୋର ସାହୁ ପ୍ରକାଶ କରିଛନ୍ତି।

**PANCHAYAT SAMITI OFFICE, TARBHA**
Tender Call Notice No.05/2023-24, Dt.27.02.2024
No.i-658 **INVITATION OF BID**
Last date of receipt of Bid: 07.02.2024
Date of Opening of Bid : 7.02.2024
The Block Development Officer, Tarbha invite percentage rate bid from the Contractor/ bidder for execution of following works.

| Sl. No. | Name of the Work | Scheme | Value of Work (Rs.) | Class of Contractor |
|---|---|---|---|---|
| 2 | Construction of Mukhya Mantri Sabha Ghar at Village Deulpadar | WODC | 24,84,731/- | C & B |

For details visit our District website www.subarnapur.nic.in
Sd./-Block Development Officer, Tarbha
OIPR-19369/11/0005/2324

## ଦେଶୀ ମଦ ଜବତ: ଜଣେ ଗିରଫ

କୁଜଙ୍ଗ,୩।୩(ମନୋଜ ପ୍ରଧାନ)

କୁଜଙ୍ଗ ପୋଲିସ ଶନିବାର ବିଳମ୍ବିତ ରାତିରେ ବାଲିତୁଠ ଅଞ୍ଚଳରେ ଚଢ଼ାଉ କରି ଚୋରା ମଦ ରଖିବା ଅଭିଯୋଗରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ଅନିଲ ବେହେରା। ତାଙ୍କ ଘରୁ ପୋଲିସ ୩୬ ଲିଟର ଦେଶୀ ମଦ ଜବତ କରିଛି। ଏନେଇ ଥାନାରେ ମାମଲା (ନଂ. ୮୩/୨୪) ରୁଜୁ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଅନିଲଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୂର୍ବରୁ ତାଙ୍କ ନାମରେ ୧୧ ମାମଲା ଥିବା ଜଣାପଡ଼ିଛି।

## ଭାଜପାର ମହାମିଶ୍ରଣ ପର୍ବ: ଆସିଲେନି ରାଜ୍ୟ ସଭାପତି

ବାଲିକୁଦା,୩।୩(ତାପସ ସ୍ୱାଇଁ)



ମିଶ୍ରଣ ପର୍ବରେ ଯୋଗଦେଇଥିବା ଭାଜପା ନେତୃମଣ୍ଡଳୀ।

ବାଲିକୁଦା ବ୍ଲକରେ ଭାଜପାର ରବିବାର ମହାମିଶ୍ରଣ ପର୍ବର ଆୟୋଜନ କରାଯାଇଥିଲା। ଏଥିରେ କଂଗ୍ରେସ ଓ ବିଜେଡି ଛାଡ଼ି ବହୁ କର୍ମୀ ଓ ନେତା ଭାଜପାରେ ସାମିଲ ହେବେ ପ୍ରଚାର କରାଯାଇଥିଲା। ଅନ୍ୟ ପକ୍ଷରେ ଦଳୀୟ ରାଜ୍ୟ ସଭାପତି ମନମୋହନ ସାମଲ ବି ଏହି ଉତ୍ସବରେ ଯୋଗ ଦେବେ କୁହାଯାଉଥିଲା। ହେଲେ ଏହି ମିଶ୍ରଣ ପର୍ବରେ ତାଙ୍କ ଦେଖା ନ ଥିଲା।

ବାଲିକୁଦା-ଏରସମା ଭାଜପା ନେତା ସତ୍ୟସାରଥି ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା କୃଷକ ମୋର୍ଚ୍ଚା ସଭାପତି ତପନ ବେହେରା ସଂଯୋଜନା କରିଥିଲେ। ବାଲିକୁଦା ତହସିଲ ଛକସ୍ଥିତ ଦଳୀୟ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରେ ଏହି ମିଶ୍ରଣ ପର୍ବ ସମେତ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଓ ମୋଦିଙ୍କ ବିକଶିତ ଭାରତ ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ସମ୍ମାନିତ ଅତିଥିଭାବେ କଟକ ଜିଲା ସଭାପତି ପ୍ରକାଶ ବେହେରା, ପୂର୍ବତନ ବିଧାୟକ ରମାରଞ୍ଜନ ବଳିଆରସିଂ, ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର, ଉପ ସଭାପତି ମୋହିତ ମହାନ୍ତି, ପୂର୍ବତନ ଏମ୍‌ପି ବିଭୁ ପ୍ରସାଦ ତରାଇ, ସମ୍ପଦ ସ୍ୱାଇଁ, ଲୋକସଭା ପ୍ରଭାରୀ ପବିତ୍ର ଦାସ, ଜନାର୍ଦ୍ଦନ ମହାନ୍ତିଙ୍କ ସମେତ ମଣ୍ଡଳ ସଭାପତି ଓ ଦଳୀୟ କର୍ମକର୍ତ୍ତାମାନେ ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଭାଜପା ରାଜ୍ୟ ସଭାପତି କାର୍ଯ୍ୟକ୍ରମରେ ଯୋଗ ନ ଦେବା ସମ୍ପର୍କରେ ସତ୍ୟସାରଥି କହିଛନ୍ତି, କାର୍ଯ୍ୟ ବ୍ୟସ୍ତତା ଯୋଗୁ ସାମଲ ଏଥିରେ ସାମିଲ ହୋଇପାରି ନ ଥିଲେ। ଏହି ଅବସରରେ ଶତାଧିକ ଅନ୍ୟ ଦଳୀୟ କର୍ମୀ ଭାଜପାରେ ଯୋଗଦେଇଥିଲେ।

## ୨ ବେଆଇନ ବାଲି ବୋଝେଇ ହାଇୱା ଜବତ

**ମାଲିକ, ଚାଳକ ଗିରଫ**

କୁଜଙ୍ଗ,୩।୩ (ମନୋଜ ପ୍ରଧାନ)

ବେଆଇନ ବାଲି ଚାଲାଣ କରୁଥିବା ଅଭିଯୋଗରେ କୁଜଙ୍ଗ ପୋଲିସ ୨ ବାଲି ବୋଝେଇ ହାଇୱା ଜବତ କରିଛି। ଏହି ଅଭିଯୋଗାରେ ଉଭୟ ଗାଡ଼ିର ଚାଳକ ଓ ମାଲିକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ମାଲିକଙ୍କ ନାମ ମଦନ ମୋହନ ଜେନା ଓ ତପନ ସ୍ୱାଇଁ ହୋଇଥିବା ବେଳେ ଚାଳକଙ୍କ ନାମ ଦେବାଶିଷ ମଲ୍ଲିକ ଓ ଲିପୁନ ବୋଲି ଜଣାପଡିଛି।

ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ,ବିଜେପୁର
**OFFICE OF THE NOTIFIED AREA COUNCIL, BIJEPUR**
AT/PO/PS:- Bijepur, Dist.:- Bargarh (Odisha), PIN:- 768032
Phone No. 06685-274153, E_Mail ID:-bijepurnac2018@gmail.com
**QUOTATION CALL NOTICE**
No. 248 /NACB Date. 02/03/2024
No.C-3315:Sealed quotations are invited by the undersigned from the Website Developer for making a Dynamic Website Portal as per Govt. in H & U.D. Deptt Letter No. 19676/HUD, Dated 04.11.2019 (Letter Enclosed). For Development, Design and Maintenance the online Website Portal for NAC, Bijepur. The quotationer should submit the valid copy of GST Registration Certificate. PAN Card with an E.M.D. amount of Rs. 5000/- (Five Thousand) only in shape of Money Receipt/Demand Draft in favour of Executive Officer, NAC, Bijepur with the quotation. Quotation paper cost is Rs. 200/- (Two hundred) only and the same will be available from 04.03.2024 to 11.03.2024 up to 11.00am. The quotation should reach to the undersigned on or before Date 11.03.2024 at 12.00pm through Speed Post/ Registered Post/ Person and the same will be opened on the same day at 3.00pm in the presence of Developer or their authorized representatives, if any. Quotation received after scheduled date & time will not be entertained. The authority reserves the right to reject each or all quotations without assigning any reason thereof.
Sd./- Executive Officer
Bijepur NAC
OIPR-13123/11/0030/2324

## ଦାଦାବଟି ଆଦାୟ, କୋର୍ଟଙ୍କ ସର୍ତ୍ତ ଖିଲାପ ଅଭିଯୋଗ: ଜଣେ ଗିରଫ

କୁଜଙ୍ଗ,୩।୩(ମନୋଜ ପ୍ରଧାନ)

**ପୂର୍ବରୁ ୯ ଆପରାଧିକ ମାମଲା ରହିଛି**



ପୋଲିସ ସହ ଅଭିଯୁକ୍ତ ସନ୍ତୋଷ ସେଠୀ।

କୋର୍ଟଙ୍କ ସର୍ତ୍ତ ଖିଲାପ କରିବା ସହ ଦାଦାବଟି ଆଦାୟ ଅଭିଯୋଗରେ କୁଜଙ୍ଗ ପୋଲିସ ବଡ଼ବୁଦା ଗ୍ରାମର ସନ୍ତୋଷ ସେଠୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ସନ୍ତୋଷଙ୍କ ନାମରେ ପୂର୍ବରୁ ୯ଟି ଆପରାଧିକ ମାମଲା ରହିଛି। ନିକଟ ଅତୀତରେ ଖଣ୍ଡା ବୁଲାଇ ଲୋକଙ୍କୁ ଭୟଭୀତ କରିବା ଓ ଗାଡି ସମେତ ଜଣଙ୍କୁ ଅପହରଣ କରିବା ଅଭିଯୋଗରେ ପୋଲିସ ତାଙ୍କୁ ଗିରଫ କରି ୨ ପୃଥକ୍ ମାମଲା ନଂ. ୨୬୧/୨୩ ଓ ୪୨୯/୨୩ ରୁଜୁ କରିଥିଲା। ଜାମିନରେ ଜେଲରୁ ମୁକୁଳିବା ପରେ ପୁନର୍ବାର ବଟି ଆଦାୟ କରିବାରୁ ପୋଲିସ ଦଫା ୧୧୦ରେ ଏକ ମାମଲା ରୁଜୁ କରି ସନ୍ତୋଷଙ୍କୁ ତଡ଼ିପାର କରିଥିଲା। ହେଲେ ସର୍ତ୍ତ ଖିଲାପ କରିବା ଅଭିଯୋଗରେ ପୋଲିସ ପୁନର୍ବାର ତାଙ୍କୁ ଧରିଛି ବୋଲି ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ କହିଛନ୍ତି।

## ଗାମ୍ବୁଶିଆ ମାଛ ପ୍ରଜନନ କେନ୍ଦ୍ର ଶୁଭାରମ୍ଭ

ଜଗତ୍‌ସିଂହପୁର, ୩।୩ (ପ୍ରମୋଦ କୁମାର ନାୟକ)




**ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ**

ପ୍ରଥମ ପର୍ଯ୍ୟାୟରେ ୨ଟି ଟାଙ୍କିରେ ଶତାଧିକ ମାଛ ଛଡ଼ାଗଲା

ତଳିଆ ଜିଲା ଭାବେ ପରିଚିତ ଜଗତ୍‌ସିଂହପୁରରେ ସବୁବେଳେ ମଶା ଉତ୍ପାତ ଚିନ୍ତାର କାରଣ ହେଉଛି। ବିଶେଷକରି ଜଗତ୍‌ସିଂହପୁର ଓ ପାରାଦୀପ ପୌରାଞ୍ଚଳରେ ଏହି ସମସ୍ୟା ଉତ୍କଟ। ମଶାଙ୍କ ଯୋଗୁ ଭେକ୍ଟରବାହିତ ରୋଗ ବଢୁଛି। ଏହାର ନିରାକରଣ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲା ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଗାମ୍ବୁଶିଆ ମାଛ ପ୍ରଜନନ କେନ୍ଦ୍ର ଆରମ୍ଭ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ୨ଟି ଟାଙ୍କିରେ ଶତାଧିକ ଯାଆଁଳ ଛଡା ଯାଇଛି। ଏହି ମାଛ ୩ରୁ ୬ ମାସ ଭିତରେ ଛୁଆ ଦେବେ। ତା ପରେ ଗାମ୍ବୁଶିଆ ସଂଖ୍ୟା ବଢ଼ିଚାଲିବ। ଏହାଦ୍ୱାରା ଏହା କେବଳ ଜଗତ୍‌ସିଂହପୁର ସହରରେ ନୁହେଁ, ସାରା ଜିଲାରେ ମଶା ବଂଶ ଲୋପ କ୍ଷେତ୍ରରେ ପ୍ରମୁଖ ଭୂମିକା ନିଭାଇବ। ଗାମ୍ବୁଶିଆ ମାଛ ଚାଷର ଉଦ୍ଦେଶ୍ୟ ହେଉଛି ପ୍ରାକୃତିକ ପ୍ରଣାଳୀରେ ମଶା ବଂଶ ଦମନ କରିବା। ଏହି ମାଛ ମଧୁର ଓ ଲବଣାକ୍ତ ଜଳ ବିଶେଷକରି ଗଚ୍ଛିତ ଥିବା ପାଣିରେ ୩ରୁ ୫ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାଏ। ଅଣ୍ଡିରା ୪ରୁ ୫ ସେଣ୍ଟିମିଟର ଓ ମାଇ ମାଛ ୬ରୁ ୮ ସେଣ୍ଟିମିଟର ପର୍ଯ୍ୟନ୍ତ ବଢ଼ିଥାନ୍ତି। ମାଇ ମାଛ ୩ରୁ ୬ ମାସ ଭିତରେ ବର୍ଷକୁ ୨/୩ ଥର ଛୁଆ ଦେଇଥାଏ। ବଡ କଥା ହେଲା, ଏହି ମାଛ ଦିନକୁ ହାରାହାରି ଶହେରୁ ତିନିଶହ ମଶାର ଲାର୍ଭା ଖାଇଯାଏ। ସାଧାରଣତଃ ପାଣିର ଉପରସ୍ତରରେ ଥିବା ଖାଦ୍ୟ ଏହି ମାଛ ଖାଇଥାଏ। ଗମ୍ବୁସିଆ ମାଛ ମଣିଷଙ୍କ ଖାଦ୍ୟ ଉପଯୋଗୀ ନୁହେଁ। ମ୍ୟାଲେରିଆ ଓ ଫାଇଲେରିଆ ରୋଗର ନିୟନ୍ତ୍ରଣ ପାଇଁ ଏହି ମଶା ସହାୟକ ହୋଇଥାଏ। ତେବେ ଏହି କେନ୍ଦ୍ରରୁ ସମୟାନୁକ୍ରମେ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗାମ୍ବୁଶିଆ ପଠାଯିବ। ଏଥିସହ ଗାଁ ଗହଳିରେ ଜମି ରହୁଥିବା ପାଣିରେ ଛାଡିବା ପାଇଁ ପଦକ୍ଷେପ ନିଆଯିବ। ଏହି କେନ୍ଦ୍ର ଶୁଭାରମ୍ଭ ସମୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କ୍ଷେତ୍ରବାସୀ ଦାଶ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରମୋଦ କୁମାର ବାରିକ ଓ ଜିଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ଅସିତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ, ବରଗଡ଼**
**(ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ)**
ବିଜ୍ଞାପନ ସଂଖ୍ୟା-୫୯୨, ତା.୦୨.୦୩.୨୦୨୪
No.v-78:ଆସନ୍ତା ଶିକ୍ଷାବର୍ଷ ୨୦୨୪-୨୦୨୫ରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶାନୁଯାୟୀ "ଅନ୍ୱେଷା" ଯୋଜନା ମାଧ୍ୟମରେ ବରଗଡ଼ ଜିଲ୍ଲାର ଗ୍ରାମାଞ୍ଚଳରେ ବାସ କରୁଥିବା SECC ତାଲିକା ଅନ୍ତର୍ଭୁକ୍ତ ଗରିବ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଶ୍ରେଣୀର କେବଳ ଝିଅ ପିଲାମାନେ ଯେଉଁମାନଙ୍କର ବୟସ ୩୧.୦୧.୨୦୨୪ ସୁଦ୍ଧା ୫ ବର୍ଷ ପୂରଣ ହୋଇଥିବ କିନ୍ତୁ ୭ ବର୍ଷରୁ କମ୍ ହୋଇଥିବ ସେମାନେ ବରଗଡ଼ ସହରାଞ୍ଚଳରେ ଥିବା ବରଡୋଲ ଅନ୍ୱେଷା ଛାତ୍ରୀନିବାସରେ ରହି ଉତ୍ତମମାନର ଇଂରାଜୀ ବିଦ୍ୟାଳୟଗୁଡିକରେ ପ୍ରଥମ ଶ୍ରେଣୀରେ ପଢିବା ନିମିତ୍ତ ଇଚ୍ଛୁକ ପ୍ରାର୍ଥୀମାନଙ୍କ ଠାରୁ ବିଜ୍ଞାପନ ସଂଖ୍ୟା- ୪୮୪, ତା.୧୯.୦୨.୨୦୨୪ ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଇଥିଲା । ଉକ୍ତ ବିଜ୍ଞାପନରେ ଫର୍ମ ଦାଖଲର ଶେଷ ତାରିଖ ୨୬.୦୨.୨୦୨୪ ନିର୍ଦ୍ଧାରଣ କରାଯାଇଥିଲା । ଉକ୍ତ ସମୟ ସୀମା ଅତ୍ୟନ୍ତ ସ୍ୱଳ୍ପ ହେଉଥିବା ଅନୁଭବ କରି ଫର୍ମ ଦାଖଲର ଶେଷ ତାରିଖକୁ ୩୧.୦୩.୨୦୨୪ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଛି । ଏଣୁ ଇଚ୍ଛୁକ ପ୍ରାର୍ଥୀମାନେ ଯେଉଁମାନେ ଆଗରୁ ସମୟର ସ୍ୱଳ୍ପତା ପାଇଁ ୨୬.୦୨.୨୪ ମଧ୍ୟରେ ଫର୍ମ ଦାଖଲ କରିପାରିନାହାନ୍ତି ସେମାନେ ୩୧.୦୩.୨୦୨୪ ସୁଦ୍ଧା ଫର୍ମ ଦାଖଲ କରିପାରିବେ ।
ପୂର୍ବରୁ ପ୍ରକାଶ ପାଇଥିବା ବିଜ୍ଞାପନର ଅନ୍ୟାନ୍ୟ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ ।
OIPR-24347/11/0006/2324 ସ୍ୱା./-ଜିଲ୍ଲାପାଳ, ବରଗଡ଼

## ସଂକ୍ଷେପରେ

### ଗଳ୍ପ ସଙ୍କଳନ ‘ଅଳ୍ପ ଗଳ୍ପ’ ଲୋକାର୍ପିତ

ଶରଣକୁଳ,୩।୩(ଦୀପକ କର)

ନୟାଗଡ଼ ଜିଲାର ସାରସ୍ୱତ ସାଧକ ଡ. ସୁରେଶ ଚନ୍ଦ୍ର ବରାଡ଼ଙ୍କ ଗଳ୍ପ ସଙ୍କଳନ ‘ଅଳ୍ପ ଗଳ୍ପ’ ଲୋକାର୍ପିତ ହୋଇଛି। ନବରତ୍ନ ସେବା ସଂସ୍କୃତି ପରିଷଦ ତରଫରୁ ରବିବାର ୟୁନାଇଟେଡ଼ ପବ୍ଲିକ୍ ସ୍କୁଲ, ଶରଣକୁଳ ସଭାଗୃହରେ ଆୟୋଜିତ ସାହିତ୍ୟ ଆସରରେ ନୟାଗଡ଼ ଜିଲାର ୪୦ରୁ ଗାଳ୍ପିକ, କବୟିତ୍ରୀ ଓ କବି ଯୋଗ ଦେଇ ନିଜ ନିଜର ଗଳ୍ପ ଓ କବିତା ପଠନ କରିଥିଲେ। ପଠନ କରାଯାଇଥିବା ଗଳ୍ପଗୁଡ଼ିକର ସମୀକ୍ଷା ଡ. ସୁରେଶ ଚନ୍ଦ୍ର ବରାଡ଼ କରିଥିଲେ। କବିତାଗୁଡ଼ିକର ସମୀକ୍ଷା କବି କୁସୁମ ନିରାକାର ସ୍ୱାଇଁ କରିଥିଲେ। ଏହି ଆସରକୁ ଗୋଦାବରୀ ବସନ୍ତିଆ ପରିଚାଳନା କରିଥିବା ବେଳେ ନୀଳମାଧବ ମିଶ୍ର ଓ ନିଳିମା ନନ୍ଦ ସଂଯୋଜନା କରିଥିଲେ। ଆସରର ଦ୍ୱିତୀୟ ପର୍ଯ୍ୟାୟରେ ଗାଳ୍ପିକ ଡ.ବରାଡ଼ଙ୍କ ଗଳ୍ପ ସଂକଳନ ‘ଅଳ୍ପ ଗଳ୍ପ’ଲୋକାର୍ପିତ ହେବା ପରେ ପ୍ରାକ୍ତନ ଶିକ୍ଷକ ରାମକୃଷ୍ଣ ପରିଡ଼ାଙ୍କ ସମେତ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ୯ ଜଣ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଦେଷ୍ଟା ଦୀନବନ୍ଧୁ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଯୌତୁକ ନିର୍ଯାତନା ଅଭିଯୋଗ

ବ୍ରହ୍ମପୁର, ୩।୩(ସୁବାସ ଚନ୍ଦ୍ର ପାଢ଼ୀ)

ଅଧିକ ଯୌତୁକ ଦାବି କରି ଜଣେ ମହିଳାଙ୍କୁ ସ୍ୱାମୀ ଓ ଶାଶୁଘର ଲୋକେ ନିର୍ଯାତନା ଦେଉଥିବା ନେଇ ନିମଖଣ୍ଡି ଥାନାରେ ଅଭିଯୋଗ ହୋଇଛି। ମହାଲକ୍ଷ୍ମୀ ଗୌଡ ଏହି ଅଭିଯୋଗ କରିଛନ୍ତି। ୨୦୧୯ ଅକ୍ଟୋବର ୩୧ରେ ସେ ବିପିନ ବିହାରୀ ଭୂୟାଁଙ୍କୁ ଭଦ୍ରକସ୍ଥିତ ଲୋକନାଥ ମନ୍ଦିରଠାରେ ବିବାହ କରିଥିଲେ। ଏହାପରେ ବିପିନ ତାଙ୍କୁ ଆଣି ଭଡା ଘରେ ରଖିଥିଲେ। ସେମାନଙ୍କ ଦାମ୍ପତ୍ୟ ଜୀବନ ଭଲରେ ଚାଲିଥିଲା। ମହାଲକ୍ଷ୍ମୀ ଗର୍ଭବତୀ ହେବା ଜାଣି ବିପିନ ଏବଂ ତାଙ୍କ ପରିବାର ଲୋକେ ତାଙ୍କୁ ମାଡମାରି ଘରୁ ବାହାର କରିଦେଇଥିଲେ। ସେ ବ୍ରହ୍ମପୁର ବାପୁଜୀ ନଗରରେ ଆସି ରହିଥିଲେ। ସେଠାରେ ପୁଣି ଆସି ଶାଶୁଘର ଲୋକେ ତାଙ୍କୁ ମାଡ ମାରିଥିଲେ। ସ୍ୱାମୀ ପେଟକୁ ମାରିଦେବାରୁ ତାଙ୍କର ଗର୍ଭନଷ୍ଟ ହୋଇଯାଇଥିଲା। ୧୦ଲକ୍ଷ ଟଙ୍କା ଯୌତୁକ ନ ଆଣିଲେ ଜୀବନରେ ମାରିଦେବେ ବୋଲି ଶାଶୁଘର ଲୋକେ ଧମକ ଦେବାରୁ ଭୟଭୀତ ହୋଇ ସେ ଥାନାରେ ଏତଲା ଦେଇଥିବା ଦର୍ଶାଇଛନ୍ତି। ପୋଲିସ ନଂ.୬୪/୨୪ରେ ମାମଲା ରୁଜୁ କରି ତଦନ୍ତ କରୁଛି।

### ଡାକ୍ତର ରମେଶ ବାରତାଙ୍କୁ କୋର୍ଟରେ ହାଜର ନିର୍ଦ୍ଦେଶ

ବ୍ରହ୍ମପୁର,୩।୩( ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଭାବାନଗରସ୍ଥିତ ଆପୋଲୋ ହସ୍ପିଟାଲ ଏବଂ ଓମ୍ ଆରୋଗ୍ୟ ହସ୍ପିଟାଲ ବିକ୍ରି ଓ ଭଡ଼ା ଏଗ୍ରିମେଣ୍ଟକୁ ନେଇ ଉପୁଜିଥିବା ବିବାଦ ଏବେ ଭିନ୍ନ ମୋଡ଼ ନେଇଛି। ଡାକ୍ତର ରମେଶ ବାରତା କରିଥିବା ଅଭିଯୋଗ ମିଥ୍ୟା ବୋଲି କହି କୋର୍ଟରେ ଦ୍ୱାରସ୍ଥ ହୋଇଛନ୍ତି ଅନ୍ୟତମ ନିର୍ଦ୍ଦେଶକ ନିଶି ପ୍ରିୟଦର୍ଶନୀ। ଡାକ୍ତର ବାରତାଙ୍କୁ କୋର୍ଟରେ ହାଜର ହେବାକୁ ବ୍ରହ୍ମପୁର ଜେଏମ୍ଏଫଏସି ନିର୍ଦ୍ଦେଶ ଦେଇଥବା ନିଶି ପ୍ରିୟଦର୍ଶନୀ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି। ହସ୍ପିଟାଲ ବିକ୍ରି ଓ ଭଡ଼ା ଏଗ୍ରିମେଣ୍ଟକୁ ନେଇ କମ୍ପାନୀର ୨ ନିର୍ଦ୍ଦେଶକଙ୍କ ମଧ୍ୟରେ ସମସ୍ୟା ଉପୁଜିଥିଲା। ଏହାକୁ ନେଇ ଉଭୟ ପକ୍ଷ ବୈଦ୍ୟନାଥପୁର ଥାନାରେ ପରସ୍ପର ବିରୋଧରେ ଏତଲା ଦେଇଥିଲେ । ନିର୍ଦ୍ଦେଶକ ରମେଶ ଚନ୍ଦ୍ର ବାରତାଙ୍କ ଅଭିଯୋଗ ପ୍ରକାରେ ନଂ.୧୮୫/୨୦୨୨ରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ କମ୍ପାନୀ ଡାଇରେକ୍ଟର ନିଶି ପ୍ରିୟଦର୍ଶନୀ, ତାଙ୍କ ସ୍ୱାମୀ ବଦ୍ରି ନାରାୟଣ ପାତ୍ର ଏବଂ ସଂଗ୍ରାମୀ କେଶରୀ ମହାନ୍ତିଙ୍କୁ ୨୦୨୨ ଅଗଷ୍ଟ ୧୧ ତାରିଖରେ କୋର୍ଟ ଚାଲାଣ କରିଥିଲା। ହାଇକୋର୍ଟରୁ ଜାମିନ ପାଇବା ପରେ ଏବେ ନିଶି କୋର୍ଟରେ ଦ୍ୱାରସ୍ଥ ହୋଇଛନ୍ତି। ଡାକ୍ତର ରମେଶ ମିଥ୍ୟା ଓ ଭୁଲ ତଥ୍ୟ ଦେଇ କେସ କରିଛନ୍ତି ଏବଂ ହସ୍ପିଟାଲକୁ ନିଜେ ହାତେଇବା ପାଇଁ ଉଦ୍ୟମ କରୁଛନ୍ତି ବୋଲି ବ୍ରହ୍ମପୁର ଜେଏମଏଫସିରେ ଓ୍ୱାନସିସି କେସ ନଂ.୧୭/୨୦୨୩ରେ ଏକ ଅଭିଯୋଗ ଦାଖଲ କରିଥିଲେ । ତାଙ୍କର ସମସ୍ତ ତଥ୍ୟ ଓ ସାକ୍ଷୀକୁ ଆଧାର କରି ଜେଏମଏଫସି କେସର ଶୁଣାଣି କରିଛନ୍ତି। ଡାକ୍ତର ରମେଶ ଓକିଲଙ୍କ ଜରିଆରେ କୋର୍ଟରେ ହାଜର ହେବାକୁ ଆବେଦନ କରିଥିବା ବେଳେ କୋର୍ଟ ତାହା ଖାରଜ କରି ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଡାକ୍ତର ରମେଶଙ୍କ ଉପରେ ମାନହାନି କେସ କରିଥିବା ନିଶି ପ୍ରିୟଦର୍ଶନୀ ସୂଚନା ଦେଇଛନ୍ତି। ଡାକ୍ତର ରମେଶଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ ।

# ସପ୍ତାହକ ମଧ୍ୟରେ ମଲେଣି ୪ ଅଲିଭ ରିଡ୍ଲେ

## ଅଣ୍ଡାଦାନ ଆରମ୍ଭରୁ ସୁରକ୍ଷା ପ୍ରଶ୍ନବାଚୀ

ଗୋପାଳପୁର/ବ୍ରହ୍ମପୁର,୩।୩ (ନବୀନ ଆଚାରୀ/ ତନୁଶ୍ରୀ ନାହାକ)

ପ୍ରତିବର୍ଷ ଗଞ୍ଜାମ ଜିଲାର ରଷିକୁଲ୍ୟା ମୁହାଣ ବେଳାଭୂମିକୁ ଅଲିଭ ରିଡଲେ କଇଁଛମାନେ ଅଣ୍ଡାଦାନ କରିବାକୁ ଆସିଥାନ୍ତି। ତେବେ ଅଣ୍ଡାଦାନ ଆରମ୍ଭରୁ ଗତ ସପ୍ତାହକ ମଧ୍ୟରେ ୪କଇଁଛଙ୍କ ମୃତ୍ୟୁ ହୋଇଥିବାରୁ ସେମାନଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠିଛି। ଗୋପାଳପୁର ବେଳାଭୂମିରୁ ମୃତ ଅଲିଭ ରିଡ୍ଲେ ମିଳିଥିବାବେଳେ ଏହା ସ୍ୱାଭାବିକ ମୃତ୍ୟୁ ହୋଇଥାଇପାରେ ବୋଲି ବନ ବିଭାଗ କହିଛି।

ଡିସେମ୍ବର ଓ ଜାନୁଆରୀ ମାସରେ ଅଲିଭ ରିଡ଼ଲେଙ୍କ ମିଳନ ହୋଇଥାଏ। ଫେବୃଆରୀ ଠାରୁ ମାର୍ଚ୍ଚ ମଧ୍ୟରେ କଇଁଛମାନେ ସାମୁହିକ ଅଣ୍ଡା ଦାନ କରିବାକୁ ଆସନ୍ତି। ତେବେ ଏହି ପ୍ରକ୍ରିୟା ଆରମ୍ଭ ହୋଇ ନ ଥିଲେ ମଧ୍ୟ ଗୋଟିଏ ଦୁଇଟି କଇଁଛ ଅଣ୍ଡା ଦେବାକୁ ଆସୁଛନ୍ତି। ଗାତକରି ଅଣ୍ଡା ଦେବା ପରେ ମାଟି ଘୋଡାଇ ସମୁଦ୍ରକୁ



ମୃତ ଅଲିଭ ରିଡଲେ।

ଚାଲିଯାଉଛନ୍ତି। ଏପ୍ରିଲ ଶେଷ ସପ୍ତାହରୁ ମେ ମଧ୍ୟରେ ଅଣ୍ଡାରୁ ଛୁଆ ବାହାରି ସମୁଦ୍ରକୁ ଚାଲି ଯାଇଥାନ୍ତି। ତେବେ ଗୋପାଳପୁର ବେଳାଭୂମିରେ ଗତ ୨୬ ତାରିଖରେ ୨ଟି ଓ ଚଳିତ ମାସ ପ୍ରଥମ ସପ୍ତାହରେ ଦୁଇଟି ମୃତ ଅଲିଭ ରିଡଲେ ଦେଖାଯିବା ପରେ କଇଁଛଙ୍କ ସୁରକ୍ଷା ପ୍ରତି ପରିବେଶବିତମାନେ ଚିନ୍ତିତ ହୋଇପଡ଼ିଛନ୍ତି। ମା’ କଇଁଛଗୁଡିକ ଅଣ୍ଡା ଦେବା ପରେ ସେମାନେ ଗୋପାଳପୁର ମୁହାଁ ହୋଇପଡିଥିବାରୁ ସମୁଦ୍ରରେ ମୋଟର ଟ୍ରଲର ମାଡ, ନଚେତ୍ ଦୁର୍ବଳତା କାରଣରୁ ମୃତ୍ୟୁ ହୋଇଥିବା ନେଇ ବିଶେଷଜ୍ଞ ଅନୁମାନ କରୁଛନ୍ତି। ବନ କର୍ମଚାରୀମାନେ ମୃତ କଇଁଛଗୁଡିକୁ ବାଲିରେ ପୋତି ଦେଉଛନ୍ତି। ଗତ ୨୬ ତାରିଖରେ ଯେଉଁ କଇଁଛଙ୍କ ମୃତ୍ୟୁ ହୋଇଛି ସେଥିରୁ ଗୋଟିଏ ୧୩୦ ଓ ଆଉ ଗୋଟିଏ ୧୦୧ ଅଣ୍ଡା ଦେଇଥିବା ବନକର୍ମଚାରୀମାନେ କହିଛନ୍ତି। ଏ ସମ୍ପର୍କରେ ଡିଏଫଓ ସୋନି ଖୋଖରଙ୍କୁ ପଚାରିବାରେ ସେ କହିଛନ୍ତି ବର୍ତ୍ତମାନ ସୁଦ୍ଧା କଇଁଛଗୁଡିକର ମୃତ୍ୟୁର କାରଣ ଜଣାପଡିନାହିଁ। ଏହା ସ୍ୱାଭାବିକ ମୃତ୍ୟୁ ହୋଇଥାଇପାରେ। ତଥାପି ତଦନ୍ତ ଜାରି ରହିଛି। କଇଁଛ ଓ ଅଣ୍ଡାର ସୁରକ୍ଷା ପାଇଁ ରଷିକୁଲ୍ୟା ମୁହାଣରେ ୧୧ କୃତ୍ରିମ ହେଚେରୀ ପ୍ରସ୍ତୁତ କରାଯାଇଛି। ମତ୍ସ୍ୟବିଭାଗ, ପୋଲିସ, କୋଷ୍ଟଗାର୍ଡ଼ ଓ ବନବିଭାଗ ମିଳିତ ସହଯୋଗରେ ସ୍କ୍ୱାର୍ଡ଼ ଗଠନ କରାଯାଇ ମତ୍ସ୍ୟଜୀବୀଙ୍କ ମଧ୍ୟରେ କଇଁଛ ସୁରକ୍ଷା ସଚେତନତା ସୃଷ୍ଟି କରାଯାଉଛି। ଏହି କାର୍ଯ୍ୟରେ ୧୨୦ରୁ ୧୩୦ କର୍ମଚାରୀ ନିୟୋଜିତ ହୋଇଛନ୍ତି। ବର୍ତ୍ତମାନ ମୋଟର ଚାଳିତ ଟ୍ରଲର, ରିଙ୍ଗ ନେଟ ବ୍ୟବହାର କରୁଥିବା ମଧଜୀବୀଙ୍କୁ ମାଛ ଧରିବାକୁ ବାରଣ କରାଯାଇଛି।

## ବିଜେଡିର ସାଙ୍ଗଠନିକ ବୈଠକ



ସାଂଗଠନିକ ବୈଠକରେ ବିଜେଡି ନେତା ଓ କର୍ମୀ।

ଖଣ୍ଡପଡ଼ା,୩।୩(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଅଧୀନ ମର୍ଦ୍ଦରାଜପୁର ପଞ୍ଚାୟତ କଲ୍ୟାଣ ମଣ୍ଡପ ପରିସରରେ ବିଜୁ ଜନତା ଦଳର ଏକ ସାଂଗଠନିକ ବୈଠକ ନୟାଗଡ଼ ଜିଲା ବିଜେଡି ଉପସଭାପତି ଗୟାଧର ପରିଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଜେଡିର ବହୁ ପୁରୁଖା ନେତା ବୈଠକରେ ଯୋଗଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ତୃଣମୂଳ ସ୍ତରରୁ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବିଜେଡିର ରାଜ୍ୟସ୍ତରୀୟ ନେତୃବୃନ୍ଦ ଯାହା ଉପରେ ଆସ୍ଥା ପ୍ରକଟ କରିବେ ତାଙ୍କୁ ସମସ୍ତେ ସମର୍ଥନ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ବୈକୁଣ୍ଠନାଥ ଗୋଛିଙ୍କ ସମେତ ଖଣ୍ଡପଡା ବ୍ଲକ ଅଧିନ ୨୨ ପଞ୍ଚାୟତରୁ ଦଳର କର୍ମକର୍ତ୍ତା ଓ ସଙ୍ଗଠକ ମାନେ ଯୋଗଦେଇଥିଲେ।

# ପଲ୍ସ ପୋଲିଓ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଶରଣକୁଳ,୩।୩(ଦୀପକ କର)

ଜାତୀୟ ପଲ୍ସ ପୋଲିଓ ଦିବସ ଅବସରରେ ରବିବାର ଶରଣକୂଳ ପଞ୍ଚାୟତର ନରେନ୍ଦ୍ରପୁରଠାରେ ସ୍ୱାସ୍ଥ୍ୟ ଆରୋଗ୍ୟ ମନ୍ଦିର ଉଦ୍‌ଘାଟନ ହୋଇଛି। ଏହି କାର୍ଯ୍ୟକ୍ରମରେ ଡା.ମିନାକ୍ଷୀ ପଟ୍ଟନାୟକ, ଡା.ମମତାଞ୍ଜଳି ପଟ୍ଟନାୟକ ଓ ସ୍ୱାସ୍ଥ୍ୟ ପରିଦର୍ଶକ ଭାସ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶରଣକୂଳ ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ ଯୋଗଦେଇ କେକ୍ କାଟି ଉକ୍ତ ସ୍ୱାସ୍ଥ୍ୟ ଆରୋଗ୍ୟ ମନ୍ଦିରକୁ ଉଦ୍‌ଘାଟନ କରିଥିଲେ। ପରେ ଜିଲା ପରିଷଦ ସଭ୍ୟା ଜନ୍ମରୁ ୫ବର୍ଷ ବୟସର ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଦେବା ପରେ ସମସ୍ତଙ୍କୁ କେକ୍ ଖାଇବାକୁ ଦେଇଥିଲେ। ଶରଣକୂଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ



ଜଣେ ଶିଶୁକୁ ପୋଲିଓ ବୁନ୍ଦା ଦିଆଯାଉଛି।

ଧାର୍ଯ୍ୟ ହୋଇଥିବା ୧୨,୮୦୪ ଶିଶୁଙ୍କୁ ପୋଲିଓ ବୁନ୍ଦା ଦେବା ପାଇଁ ୭୫ଟି ବୁଥରେ ୩୦୦ଜଣ ସ୍ୱାସ୍ଥ୍ୟକର୍ମୀ ଓ ୧୪ଜଣ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଥିଲା। ୧୧,୮୩୫ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଇଥିଲା। ବଳକା ୯୬୯ ଶିଶୁଙ୍କୁ ଘରକୁ ଘର ବୁଲି ପୋଲିଓ ବୁନ୍ଦା ଦିଆଯିବ ବୋଲି ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ପରିଦର୍ଶକ ଭାସ୍କର ମହାପାତ୍ର କହିଛନ୍ତି।

### ବାଘୁଆ ମହୁମାଛି ଆକ୍ରମଣରେ ୩ ଶ୍ରମିକ ଗୁରୁତର

ନୟାଗଡ,୩।୩(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ନବଘନପୁର ବିଦ୍ୟୁତ୍ ଟାୱାରରେ କାମ କରିବା ସମୟରେ ରବିବାର ମଧ୍ୟାହ୍ନରେ ବାଘୁଆ ମହୁ ମାଛି ଆକ୍ରମଣରେ ୩ ଜଣ ଶ୍ରମିକ ଗୁରୁତର ହୋଇଛନ୍ତି। ଗୁରୁତର ଶ୍ରମିକମାନେ ହେଲେ କୋରାପୁଟ ଜୟପୁରର ନୀଳାଚଳ ଭୂୟାଁ(୩୫), ବଇଦ ଭୂୟାଁ(୪୨) ଓ ହରି ଭୂୟାଁ(୩୬)ଙ୍କୁ ପ୍ରଥମେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

### କଂଗ୍ରେସ ସହ ପ୍ରଭାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଦଶପଲ୍ଲା ୩।୩( ପ୍ରକାଶ କୁମାର ପାଣି)

ଜାତୀୟ କଂଗ୍ରେସର ସାଧାରଣ ସମ୍ପାଦକ ତଥା ଓଡିଶା କଂଗ୍ରେସ ସହ ପ୍ରଭାରୀ ସାହା ନୱାଜ ହୁସେନ୍ ଚୌଧୁରୀ , ମିତ୍ରଭାନୁ ମହାପାତ୍ର ଭୁବନେଶ୍ୱରରୁ କନ୍ଧମାଳ ଯିବା ସମୟରେ ଶନିବାର ସନ୍ଧ୍ୟାରେ ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ବହୁ ପୁରୁଣା କଂଗ୍ରେସ କର୍ମୀମାନେ ଦଶପଲ୍ଲାର କେନ୍ଦୁଲିଭ ଡାକ ବଙ୍ଗଳାଠାରେ ସ୍ୱାଗତ ଜଣାଇ ପାଛୋଟିନେଇଥିଲେ। ଦଶପଲ୍ଲାର କଂଗ୍ରେସ ସଙ୍ଗଠନ ବିଷୟରେ ବେଣୁଧର ନାୟକ ଓ ପୂର୍ବତନ ଏମ୍‌ପି ନକୁଳ ନାଏକ, ଅମିର ଚାନ୍ଦ ନାୟକ, ନାରାୟଣ ସାହୁ, ବରିଷ୍ଠ କଂଗ୍ରେସ ନେତା ରାଜୀବ ଲୋଚନ ମିଶ୍ର ପ୍ରମୁଖ ବହୁ କଂଗ୍ରେସ କର୍ମୀଙ୍କ ସହିତ ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। କଂଗ୍ରେସ ବୁଥ କମିଟି ସମେତ ବିଭିନ୍ନ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା ପାଇଁ ପ୍ରସ୍ତାବ ଦେଇଥିଲେ।

## ଜିଲାରେ କୁକୁଡ଼ା ଚିଆଁ ବଣ୍ଟନ ଆରମ୍ଭ

ବ୍ରହ୍ମପୁର,୩।୩(ଅଶୋକ କୁମାର ସାହୁ)

ରାଜ୍ୟ ସରକାର ଅପପୁଷ୍ଟି ଦୂରୀକରଣ ପାଇଁ ପଦକ୍ଷେପ ନେଇଛନ୍ତି। ଅଣ୍ଡା ପୁଷ୍ଟି ସାଧନର ଏକ ବଳିଷ୍ଠ ମାଧ୍ୟମ ହୋଇଥିବାରୁ ଘର ଦୁଆରେ ପୁଷ୍ଟି ଯୋଜନାରେ କୁକୁଡା ଚିଆଁ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗଞ୍ଜାମ ଜିଲାରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ମନୋଜ କୁମାର ସାହୁ ଶନିବାର ଛତ୍ରପୁର ବ୍ଲକ ଚମାଖଣ୍ଡି ପଞ୍ଚାୟତରେ କୁକୁଡା ଚିଆଁ ବଣ୍ଟନ କରି ଏହି କାର୍ଯ୍ୟକ୍ରମରେ ଯୋଡି ହୋଇଥିଲେ। ସେ କହିଥିଲେ, ଦିନିକିଆ କୁକୁଡା ଚିଆଁ ତୁଳନାରେ ୨୮ ଦିନିଆ କୁକୁଡା ଚିଆଁ ପାଳନ ସୁବିଧାଜନକ। ସେହି କ୍ରମରେ ଉକ୍ତ ପଞ୍ଚାୟତର ବିଭିନ୍ନ ଗାଁରୁ ୫୩ ଅପପୁଷ୍ଟିର ଶିକାର ଗର୍ଭବତୀ ମହିଳା ଓ ୧୪ ଜଣ କମ ଓଜନର ଶିଶୁଙ୍କୁ ଚିହ୍ନଟ କରାଯାଇଥିଲା। ଗୋଟିଏ ପରିବାରକୁ ୫ଟି ଲେଖାଏ ପଞ୍ଚାୟତର ୬୭ ପରିବାରକୁ ୩୩୫ କୁକୁଡ଼ା ଚିଆଁ ଦିଆଯାଇଛି। ବ୍ଲକର ୨୮୦୦ ପରିବାରକୁ ଚିଆଁ ବଣ୍ଟାଯିବ। ଜିଲାର ଅନ୍ୟାନ୍ୟ ବ୍ଲକରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ କହିଥିଲେ। ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା. ଦେବାନନ୍ଦ ପାତ୍ର ଓ ପ୍ରାଣୀ ଚିକିତ୍ସକ ଡା. ପତିତପାବନ ରଥ କୁକୁଡା ପାଳନ ପାଇଁ ମାର୍ଗଦର୍ଶିକା ଉପସ୍ଥାପନ କରିଥିଲେ। ଚମାଖଣ୍ଡି ପ୍ରାଣୀଧନ ନିରୀକ୍ଷକ ମୁକେଶ କୁମାର ବେହେରା ଓ ରଶ୍ମିତା ବେହେରା ଉପସ୍ଥିତ ଥିଲେ। ହିତାଧିକାରୀଙ୍କ ଦ୍ୱାରା କୁକୁଡାଙ୍କ ପାଇଁ ସେବା ଯୋଗାଇ ଦେବାକୁ ଉପନିର୍ଦ୍ଦେଶକ ଡା.ଶୁଭ୍ରକାନ୍ତ ମହାନ୍ତି ପ୍ରତିଶ୍ରୁତି ଦେଇଥିଲେ।

# ଅନ୍‌ଲାଇନ ନିଯୁକ୍ତି ଆଳରେ ୨.୩୦ ଲକ୍ଷ ଠକେଇ

ବ୍ରହ୍ମପୁର, ୩।୩ (ସୁବାସ ଚନ୍ଦ୍ର ପାଢ଼ୀ)

ଲାଞ୍ଜିପଲ୍ଲୀ ଗଣେଶନଗର ୨ୟ ଗଳିର ରଞ୍ଜନ କୁମାର ଦୀକ୍ଷିତ ସାଇବର ଠକଙ୍କ ହାବୁଡରେ ପଡି ୨ଲକ୍ଷ ୩୦ହଜାର ଟଙ୍କା ହରାଇଛନ୍ତି। ଏ ନେଇ ସେ ସାଇବର ଥାନାରେ ଅଭିଯୋଗ କରିଛନ୍ତି।

ରଞ୍ଜନଙ୍କ ପାଖକୁ ଗତ ୨୩ ତାରିଖରେ ଏକ ଅଜଣା ନମ୍ବରରୁ ହ୍ୱାଟସଆପ ମେସେଜ ଆସିଲା। ଉକ୍ତ ଫୋନ ନମ୍ବରରେ ପଚାରିବାରୁ ଜଣେ ମହିଳା ନିଜକୁ ଡିଡିବି ୱାର୍ଲ୍ଡ ୱାଇଡ ମିଡିଆର ଏଚଆର୍ ଆସିଷ୍ଟାଣ୍ଟ ବୋଲି ପରିଚୟ ଦେଇଥିଲେ। ସେ ରଞ୍ଜନଙ୍କୁ ୱାର୍କ ଫର୍ମ ହୋମର ଅଫର୍ ଦେଇଥିଲେ। ଏଥିପାଇଁ ତାଙ୍କୁ ଦୈନିକ ୩୫୦୦ଟଙ୍କା ମିଳିବ ବୋଲି କହି ମହିଳା ଜଣଙ୍କ ପ୍ରଲୋଭିତ କରିଥିଲେ। ପ୍ରଥମେ ଅନଲାଇନରେ ଏକ ରିଭ୍ୟୁ କାମ ଦେଇଥିଲେ। ତାହା ସମ୍ପୂର୍ଣ୍ଣ ହେବାପରେ ପ୍ରଥମ ଦରମା ଭାବେ ୧୫୦ଟଙ୍କା ପାଇବାକୁ ସେ ପଠାଇଥିବା ଏକ ଟେଲିଗ୍ରାମ ଆପ୍‌ର ଲିଙ୍କ ଡାଉନ୍‌ଲୋଡ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ଆପ୍ ଡାଉନଲୋଡ କରିବା ପରେ ପୁଣି ଜଣେ ମହିଳା ନିଜକୁ ରିସେପସନିଷ୍ଟର ପରିଚୟ ଦେଇ ତାଙ୍କର ନାଁ, ଗାଁ ଠିକଣା, ବ୍ୟାଙ୍କର ସବିଶେଷ ତଥ୍ୟ, ୟୁପିଆଇ ଆଇଡି ମାଗି ନେଇଥିଲେ। ଏହାପରେ ରଞ୍ଜନଙ୍କ ଆକାଉଣ୍ଟକୁ ଫୋନ ପେ’ ମାଧ୍ୟମରେ ୧୫୦ଟଙ୍କା ଆସିଥିଲା। ଏହାପରେ ସେହି ମହିଳା ତାଙ୍କୁ ଆଉ ଏକ ଗୁଗୁଲ ଟାସ୍କ ଗ୍ରୁପରେ ଯୋଗଦେବା ପାଇଁ ଏକ ଲିଙ୍କ ପଠାଇଲେ। ସେଥିରେ ଯୋଡି ହେବାରୁ ତାଙ୍କୁ ଅନଲାଇନରେ ହୋଟେଲ, ଜୁଲୋଜିକାଲ ପାର୍କ ଆଦିର ରେଟିଂ ଦେବା ଟାସ୍କ ଦେଇଥିଲେ। ପ୍ରତି ଟାସ୍କ ଶେଷରେ ତାଙ୍କୁ ୫୦ଟଙ୍କା ମିଳିଥିଲା। ଏହାପରେ ସାଇବର ଠକ ରଞ୍ଜନଙ୍କୁ ଦୈନିକ ୪ଲକ୍ଷ ଟଙ୍କାର ଏକ ପ୍ରିପେଡ ମର୍ଚ୍ଚାଣ୍ଟ ଟାସ୍କ କରିବାକୁ ବାଧ କରିଥିଲେ। ନଚେତ କୌଣସି ଦରମା ମିଳିବନି ବୋଲି କହିଥିଲେ। ତେଣୁ ବାଧ ହୋଇ ଠକଙ୍କ ନିର୍ଦ୍ଦେଶ ମୁତାବକ, ଅନଲାଇନରେ ଥରକୁ ଥର ଟଙ୍କା ଦେଇ ଟାସ୍କ କରିଥିଲେ। ତେବେ ଧାର୍ଯ୍ୟ ସମୟରେ ଟାସ୍କ ସମ୍ପୂର୍ଣ୍ଣ କରି ନ ଥିବାରୁ ତାଙ୍କର ସମସ୍ତ ଟଙ୍କା ଫ୍ରିଜ ହୋଇଯାଇଥିବା ରଞ୍ଜନଙ୍କୁ କୁହାଗଲା। ୧ଲକ୍ଷ ୩୭ହଜାର ୮୦୦ଟଙ୍କା ଡିପୋଜିଟ କଲେ ତାଙ୍କ ଆକାଉଣ୍ଟ ଅନଫ୍ରିଜ ହେବ ଓ ସମସ୍ତ ଟଙ୍କା ଫେରିପାଇବେ ବୋଲି ନିର୍ଦ୍ଦେଶ ଆସିଲା। ସେତିକି ଟଙ୍କା ଡିପୋଜିଟ କଲାପରେ ତାଙ୍କ ଆକାଉଣ୍ଟ ଅନଫ୍ରିଜ ହେବା ପରିବର୍ତ୍ତେ ପୁଣି ସାଇବର ଠକ ତାଙ୍କୁ ୩ଲକ୍ଷ ୫୮ହଜାର ଟଙ୍କା ଡିପୋଜିଟ କରିବାକୁ କହିଥିଲେ। ଏଥବରେ ରଞ୍ଜନ ଠକାମିର ଶିକାର ହୋଇଥିବା ଅନୁଭବ କରି ଶେଷରେ ଥାନାରେ ଏତଲା ଦେଇଥିଲେ। ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରିଛି।

### ବିଜୁବାବୁଙ୍କ ଜୟନ୍ତୀ ପାଇଁ ପ୍ରସ୍ତୁତି

ଖଣ୍ଡପଡା,୩।୩ (ଅଜୟ କୁମାର ମହାରଣା)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜୟନ୍ତୀ ଆସନ୍ତା ୫ ତାରିଖ ପାଳିତ ହେବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ କଣ୍ଟିଲୋଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ପଞ୍ଚାୟତର ପ୍ରମୁଖ ନେତୃବୃନ୍ଦ, ସ୍ଥାନୀୟ ବ୍ୟକ୍ତି, ସଙ୍ଗଠକ ତଥା ଦଳୀୟ କର୍ମୀ ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ କିପରି ଶୃଙ୍ଖଳିତ ଭାବେ ସଂପନ୍ନ କରାଯିବ ସେ ନେଇ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ କଣ୍ଟିଲୋସ୍ଥିତ ଗାନ୍ଧୀପାର୍କରେ ଅନୁଷ୍ଠିତ ହେବ ବୋଲି ସର୍ବସମ୍ମତି କ୍ରମରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୫ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ସମାଗମକୁ ଦୃଷ୍ଟିରେ ରଖି ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯିବା ପାଇଁ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଏମ୍‌ପିଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂ, ବାଣପୁର, ବୋଦସା ପଞ୍ଚାୟତର ପୂର୍ବତନ ସରପଞ୍ଚ ଯଥାକ୍ରମେ ପ୍ରଦୀପ କୁମାର କର, ସର୍ବେଶ୍ୱର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।


**PANCHAYAT SAMITI OFFICE, TARBHA**
Tender Call Notice No.05/2023-24, Dt.27.02.2024

No.i-658 **INVITATION OF BID**

Last date of receipt of Bid: 07.02.2024
Date of Opening of Bid : 7.02.2024
The Block Development Officer, Tarbha invite percentage rate bid from the Contractor/ bidder for execution of following works.

| Sl. No. | Name of the Work | Scheme | Value of Work (Rs.) | Class of Contractor |
|---|---|---|---|---|
| 2 | Construction of Mukhya Mantri Sabha Ghar at Village Deulpadar | WODC | 24,84,731/- | C & B |

For details visit our District website www.subarnapur.nic.in
Sd./-Block Development Officer, Tarbha
OIPR-19369/11/0005/2324



ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ,ବିଜେପୁର
**OFFICE OF THE NOTIFIED AREA COUNCIL, BIJEPUR**
AT/PO/PS:- Bijepur, Dist.:- Bargarh (Odisha), PIN:- 768032
Phone No. 06685-274153, E_Mail ID:-bijepurnac2018@gmail.com

**QUOTATION CALL NOTICE**

No. 248 /NACB Date. 02/03/2024

No.C-3315:Sealed quotations are invited by the undersigned from the Website Developer for making a Dynamic Website Portal as per Govt. in H & U.D. Deptt Letter No. 19676/HUD, Dated 04.11.2019 (Letter Enclosed). For Development, Design and Maintenance the online Website Portal for NAC, Bijepur. The quotationer should submit the valid copy of GST Registration Certificate. PAN Card with an E.M.D. amount of Rs. 5000/- (Five Thousand) only in shape of Money Receipt/Demand Draft in favour of Executive Officer, NAC, Bijepur with the quotation. Quotation paper cost is Rs. 200/- (Two hundred) only and the same will be available from 04.03.2024 to 11.03.2024 up to 11.00am. The quotation should reach to the undersigned on or before Date 11.03.2024 at 12.00pm through Speed Post/ Registered Post/ Person and the same will be opened on the same day at 3.00pm in the presence of Developer or their authorized representatives, if any. Quotation received after scheduled date & time will not be entertained. The authority reserves the right to reject each or all quotations without assigning any reason thereof.

Sd./- Executive Officer
Bijepur NAC
OIPR-13123/11/0030/2324


# ସମର୍ଥକଙ୍କ ସହ ଭାଜପାରେ ଯୋଗଦେଲେ ଦୁଷ୍ମନ୍ତ

ଖଣ୍ଡପଡା,୩।୩(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଅଞ୍ଚଳର ଯୁବନେତା ଦୁଷ୍ମନ୍ତ କୁମାର ସ୍ୱାଇଁ ରବିବାର ଭାଜପାରେ ଯୋଗଦେଇଛନ୍ତି। ଯୁବନେତା ସ୍ୱାଇଁ ୨ହଜାରରୁ ଊର୍ଦ୍ଧ୍ୱ ସମର୍ଥକ ଓ କଣ୍ଟିଲୋ ଜୋନ ଜିଲା ପରିଷଦ ସଭ୍ୟା ଉଜ୍ଜଳ ମହାରଣାଙ୍କ ଗହଣରେ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସ୍ଥାନୀୟ ରାମ ମନ୍ଦିରରେ ପୂଜାର୍ଚ୍ଚନା ପରେ ମନ୍ଦିର ପରିସରରୁ ଦୁଷନ୍ତ ଏକ ଶୋଭାଯାତ୍ରାରେ ବାହାରି ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବରିଷ୍ଠ ଭାଜପା ନେତା ପ୍ରକାଶ ମିଶ୍ର, ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ସମେତ ବରିଷ୍ଠ ନେତାମାନେ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଦଳୀୟ କାର୍ଯ୍ୟାଳୟକୁ ପାଛୋଟି ନେଇଥିଲେ। କାର୍ଯ୍ୟାଳୟ ପରିସରରେ ଆୟୋଜିତ ମିଶ୍ରଣ ପର୍ବରେ ଯୁବ ନେତା ଦୁଷ୍ମନ୍ତ ଓ ତାଙ୍କର ଶତାଧିକ ସମର୍ଥକ ଦଳରେ ଯୋଗଦେବା ସହ ଖଣ୍ଡପଡା ନିର୍ବାଚନ ମଣ୍ଡଳୀରେ ଭାଜପା ସଂଗଠନକୁ ସୁଦୃଢ଼ କରିବା ପାଇଁ ସମସ୍ତେ ଶପଥ ନେଇଥିଲେ।



ରାଜ୍ୟ ନେତୃବର୍ଗଙ୍କ ଗହଣରେ ଦୁଷ୍ମନ୍ତ।

ଭାଜପାରେ ଦୁଷ୍ମନ୍ତଙ୍କ ଯୋଗଦାନ ପରେ ଖଣ୍ଡପଡା ରାଜନୀତିରେ ଏକ ନୂତନ ସମୀକରଣ ସୃଷ୍ଟି ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ୨୦୧୯ ସାଧାରଣ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀଭାବେ ସ୍ୱାଇଁ ନିର୍ବାଚନରେ ପ୍ରଥମେ ପ୍ରତିଦ୍ୱନ୍ଦିତା କରି ୧୫ହଜାରରୁ ଊର୍ଦ୍ଧ୍ୱ ଭୋଟ ପାଇଥିଲେ। ସେହି ସମୟରେ ଶାସକ ବିଜେଡି ପ୍ରାର୍ଥୀଙ୍କଠାରୁ ସେ ପରାଜୟ ବରଣ କରିଥିଲେ ହେଁ ପରବର୍ତ୍ତୀ ସମୟରେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ସଙ୍ଗଠନକୁ ସୁଦୃଢ଼ କରିବା ଦିଗରେ ଉଦ୍ୟମ ଜାରି ରଖିଥିଲେ।


**ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ, ବରଗଡ଼**
**(ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ)**
**ବିଜ୍ଞାପନ ସଂଖ୍ୟା-୫୯୨, ତା.୦୨.୦୩.୨୦୨୪**

No.v-78:ଆସନ୍ତା ଶିକ୍ଷାବର୍ଷ ୨୦୨୪-୨୦୨୫ରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶାନୁଯାୟୀ "ଅନ୍ୱେଷା" ଯୋଜନା ମାଧ୍ୟମରେ ବରଗଡ଼ ଜିଲ୍ଲାର ଗ୍ରାମାଞ୍ଚଳରେ ବାସ କରୁଥିବା SECC ତାଲିକା ଅନ୍ତର୍ଭୁକ୍ତ ଗରିବ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଶ୍ରେଣୀର କେବଳ ଝିଅ ପିଲାମାନେ ଯେଉଁମାନଙ୍କର ବୟସ ୩୧.୦୧.୨୦୨୪ ସୁଦ୍ଧା ୫ ବର୍ଷ ପୂରଣ ହୋଇଥିବ କିନ୍ତୁ ୭ ବର୍ଷରୁ କମ୍ ହୋଇଥିବ ସେମାନେ ବରଗଡ଼ ସହରାଞ୍ଚଳରେ ଥିବା ବରଡୋଲ ଅନ୍ୱେଷା ଛାତ୍ରୀନିବାସରେ ରହି ଉତ୍ତମମାନର ଇଂରାଜୀ ବିଦ୍ୟାଳୟଗୁଡିକରେ ପ୍ରଥମ ଶ୍ରେଣୀରେ ପଢିବା ନିମିତ୍ତ ଇଚ୍ଛୁକ ପ୍ରାର୍ଥୀମାନଙ୍କ ଠାରୁ ବିଜ୍ଞାପନ ସଂଖ୍ୟା- ୪୮୪, ତା.୧୯.୦୨.୨୦୨୪ ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଇଥିଲା । ଉକ୍ତ ବିଜ୍ଞାପନରେ ଫର୍ମ ଦାଖଲର ଶେଷ ତାରିଖ ୨୬.୦୨.୨୦୨୪ ନିର୍ଦ୍ଧାରଣ କରାଯାଇଥିଲା । ଉକ୍ତ ସମୟ ସୀମା ଅତ୍ୟନ୍ତ ସ୍ୱଳ୍ପ ହେଉଥିବା ଅନୁଭବ କରି ଫର୍ମ ଦାଖଲର ଶେଷ ତାରିଖକୁ ୩୧.୦୩.୨୦୨୪ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଛି । ଏଣୁ ଇଚ୍ଛୁକ ପ୍ରାର୍ଥୀମାନେ ଯେଉଁମାନେ ଆଗରୁ ସମୟର ସ୍ୱଳ୍ପତା ପାଇଁ ୨୬.୦୨.୨୪ ମଧ୍ୟରେ ଫର୍ମ ଦାଖଲ କରିପାରିନାହାନ୍ତି ସେମାନେ ୩୧.୦୩.୨୦୨୪ ସୁଦ୍ଧା ଫର୍ମ ଦାଖଲ କରିପାରିବେ ।

**ପୂର୍ବରୁ ପ୍ରକାଶ ପାଇଥିବା ବିଜ୍ଞାପନର ଅନ୍ୟାନ୍ୟ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ ।**

OIPR-24347/11/0006/2324 ସ୍ୱା./-ଜିଲ୍ଲାପାଳ, ବରଗଡ଼

